
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ମଇ ୨୦୧୭
ମୂଲ୍ୟ : ୨୫ ଟଙ୍କା





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
**ପ୍ରାଚୀ**
Vol.-3, May 2017, Issue No. II
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ପ୍ରଜ୍ଞା ପରିମିତା**
**ବନଲତା ସିଂହ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦକ :
**ମନୋଜ କୁମାର ବିଶ୍ୱାଳ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**
**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

**ଏଇ ସଂଖ୍ୟାରେ...**

## ପ୍ରବନ୍ଧ

- କିନ୍ନରମାନଙ୍କର ସମସ୍ୟା ଓ ଅଧିକାର
  ରାଜେଶ ବାରିକ ୭

## ଗଳ୍ପ

- ଓଡ଼ିଆର ଜଗନ୍ନାଥ
  ଗୀତାଞ୍ଜଳୀ ନାୟକ ୧୨
- ଆଶୀର୍ବାଦ
  ନିଶାକର ସେଠୀ ୧୫
- ମଗ୍ନ ଜୀବନ
  ଲିପିକା ମହାପାତ୍ର ୧୭
- ଶେଷ ଇଚ୍ଛା
  ଜ୍ୟୋସ୍ନାରାଣୀ ମହାନ୍ତି ୨୧
- ତୁମ ପରିବେଶ ତୁମରି ହାତେ
  ବିସ୍ମୟୀ ସାହୁ ୨୪
- ସମୟ ସ୍ରୋତରେ ଜୀବନ
  ଡଃ. ବିଭୁଦତ୍ତ ଖଣ୍ଡାୟତରାଏ ୨୮
- ମୋନାଲିସା
  ବିଜୟ କୁମାର ସାହୁ ୩୧

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ....................................................................................................

ଠିକଣା .................................................................. ପିନ୍‌କୋର୍ଡ଼ ...................................

ମୋବାଇଲ୍ ନମ୍ବର ................................................ ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର........................................ ତାରିଖ.......................................................

ବ୍ୟାଙ୍କ୍............................................... ସ୍ଥାନ........................................................

ତାରିଖ............................................... ଦସ୍ତଖତ....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.in

# କିନ୍ନର ମାନଙ୍କର ସମସ୍ୟା ଓ ଅଧିକାର

*- ରାଜେଶ ବାରିକ*

ଭାରତ ସ୍ୱାଧୀନ ହେବାର ୭୦ବର୍ଷ ବିତିଯାଇଥିଲେ ମଧ୍ୟ ଏବେବି ବହୁ ସମୁଦାୟର ଲୋକ ଉନ୍ନତିର ସ୍ୱାଦ ଚାଖିବାରୁ ବଞ୍ଚିତ ହେଉଛନ୍ତି । ଗୋଟେ ପାଖରେ ଭାରତର ଅର୍ଥନୈତିକ ଉନ୍ନତି ହେଉଥିବା ବେଳେ ଅନ୍ୟ ପାଖରେ ସମାଜରେ ରହୁଥିବା ଦଳିତ ଓ ଅବହେଳିତ ଲୋକମାନେ ତାଙ୍କର ସାମାଜିକ ଓ ସାମ୍ବିଧାନିକ ଅଧିକାର ବା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ସାଧାରଣତଃ ଆମ ସମାଜରେ ଅବହେଳିତ ଲୋକ କହିଲେ ଆମେ ଆଦିବାସୀ, ହରିଜନ, ମହିଳା, ଶିଶୁ ଏବଂ ବୃଦ୍ଧ ଲୋକଙ୍କୁ ବୁଝିଥାଉ । କିନ୍ତୁ ବାସ୍ତବରେ ଏମାନଙ୍କ ଅପେକ୍ଷା ଆହୁରି ବହୁ ଅବହେଳିତ ଗୋଷ୍ଠୀର ଲୋକ ଆମ ସମାଜରେ ବସବାସ କରୁଛନ୍ତି । ସେହି ଅବହେଳିତ ଲୋକମାନଙ୍କ ମଧ୍ୟରୁ କିନ୍ନର ସମାଜ ଏକ ବିରାଟ ଉଦାହରଣ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ନିଜକୁ ବ୍ରିଟିଶ୍ ସାମ୍ରାଜ୍ୟ କବଳରୁ ମୁକ୍ତ କଲା । ସେହି ମୁକ୍ତ ଭାରତରେ ସମସ୍ତଙ୍କୁ ସମାନ ଅଧିକାର ମିଳିବା ପାଇଁ ଡଃ ବାବା ସାହେବ ଆମ୍ବେଦକର ଭାରତୀୟ ସମ୍ବିଧାନ ପ୍ରତିଷ୍ଠା କଲେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଭାରତ ସ୍ୱାଧୀନ ହେବାର ୭୦ବର୍ଷ ବିତି ଯାଇଥିଲେ ମଧ୍ୟ, ଆମେ ଆମ ସମାଜରେ ସମାନତା ଆଣିବାରେ ଅସମର୍ଥ୍ୟ ହୋଇଛୁ, ଏବେବି ଆମ ସମାଜରେ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ଆଧାରରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ଶୋଷଣ କରାଯାଉଅଛି ।

ଆମ ସମାଜରେ ଜନ୍ମ ନେଉଥିବା କିନ୍ନର ମାନେ ତାଙ୍କର ଭିନ୍ନ ଧରଣର ଲିଙ୍ଗ ପାଇଁ ସାମାଜିକ, ପାରିବାରିକ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ଜନ୍ମ ହେବାର ଆଠ ଦଶ ବର୍ଷ ପରେ ଯେତେବେଳେ ସେମାନଙ୍କ ସାମାଜିକ ବ୍ୟବହାର ଓ ଶାରିରୀକ ଅଙ୍ଗି ଭଙ୍ଗିରେ ପରିବର୍ତ୍ତନ ଆସେ, ସେତେବେଳେ ସମାଜ ତାଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବା ଆରମ୍ଭ କରିଦିଏ । କିଏ ତାଙ୍କୁ ମାଇଚିଆ କୁହେତ, କିଏ ତାଙ୍କୁ ହିଞ୍ଜଡ଼ା, ଛକା କୁହେ । କୌଣସି ଦୋଷ ନଥାଇ ମଧ୍ୟ ନିଜର ଶାରିରୀକ ଭିନ୍ନତା ପାଇଁ ସେମାନେ ସମାଜର ଲାଞ୍ଛନା ଓ ନିର୍ଯ୍ୟାତନାକୁ ମଥା ପାତି ସହି ଯାଆନ୍ତି । ବାସ୍ତବରେ ସାମାଜିକ ଲାଞ୍ଛନା ଓ ନିର୍ଯ୍ୟାତନା ଆରମ୍ଭ ହେବା ଆଗରୁ ପରିବାରର ଲୋକମାନଙ୍କ ମଧ୍ୟରେ ସେ ସବୁ ବହୁ ପୂର୍ବରୁ ଆରମ୍ଭ ହୋଇଯାଇଥାଏ । ନିଜ ଲିଙ୍ଗ ସମ୍ପର୍କରେ କିଛି ଜାଣିବା ପୂର୍ବରୁ ଏ ସମାଜ ତାଙ୍କୁ ଜଣାଇ ଦିଏ ଯେ, ସେ ଜଣେ ଭିନ୍ନ ଲିଙ୍ଗର ମଣିଷ ଓ ତାର ଏ ସମାଜରେ ଗୋଟେ ସୁସ୍ଥ ଜୀବନ ବଞ୍ଚିବାର କୌଣସି ଅଧିକାର ନାହିଁ । ଯାହାଫଳରେ ସେମାନେ ତାଙ୍କ ନିଜ ଘରଛାଡ଼ିବାକୁ ବାଧ୍ୟ ହୁଅନ୍ତି ।

ଅନେକ ସମୟରେ ଦେଖାଯାଏ ଯେ ନିଜର ଜନ୍ମକଲା ମା'ବାପା ମଧ୍ୟ କିନ୍ନର ପିଲାଟିକୁ ନିଜର ବୋଲି ପରିଚୟ ଦେବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି । ଘର ଲୋକଙ୍କ ଛଡା ନିଜର ସାହି ପଡ଼ିଶା ଓ ବନ୍ଧୁବାନ୍ଧବ ମାନଙ୍କ ଠାରୁ ମଧ୍ୟ ବିଭିନ୍ନ ପ୍ରକାର ଟାହି ଟାପରା ଶୁଣିବାକୁ ପଡ଼ିଥାଏ ସେମାନଙ୍କୁ । ଶେଷରେ ସାମାଜିକ ଲୋକ ଲଜ୍ଜା ଓ ପାରିବାରିକ ନିର୍ଯ୍ୟାତନାରୁ ରକ୍ଷାପାଇବା ପାଇଁ ସେହି କିନ୍ନର ପିଲାଟିଏ ଘର ବାହାରକୁ ପାଦ କାଢ଼ିଥାଏ ।

ଏତେ ବଡ଼ ଦୁନିଆରେ ନିଜପାଇଁ ଗୋଟେ ସୁରକ୍ଷିତ ଜାଗା ଖୋଜିବା ଯେ କେତେ କଷ୍ଟକର, ସେ କଥା ସେ ପ୍ରଥମଥର ଉପଲବ୍ଧି କରେ । ଯେଉଁ ବୟସରେ ସେ କାନ୍ଧରେ ବ୍ୟାଗ ପକାଇ ସ୍କୁଲକୁ ଯିବାକଥା ସେ ସମୟରେ ସେ ନିଜପାଇଁ ଏକ ସୁରକ୍ଷିତ ଜାଗା ଖୋଜିବାରେ ନିଜକୁ ହଜାଇଦିଏ । ଏତେ ଛୋଟ ବୟସରେ ତାକୁ ବିଭିନ୍ନ ପ୍ରକାରର ଶାରିରୀକ ଓ ଯୌନ ନିର୍ଯ୍ୟାତନାର ଶିକାର ହେବାକୁ ପଡ଼ିଥାଏ । ଯଦିଓ ସେ ଗୋଟିଏ ସାଧାରଣ ମଣିଷ ଭଳି କାମ କରି ବଞ୍ଚିବାକୁ ଚେଷ୍ଟା କରୁଥାଏ, କିନ୍ତୁ ତାକୁ

ଆମର ଏ ତଥାକଥିତ ସଭ୍ୟ ସମାଜ ଶୋଷଣ କରିବାରେ କୌଣସି ପ୍ରକାର ଚେଷ୍ଟା ପଛରେ ଛାଡେନାହିଁ, ସେମାନେ କାମ କରୁଥିବା ଯାଗାରେ ତାଙ୍କୁ ଯୌନ ନିର୍ଯ୍ୟାତନାର ଶିକାର ହେବାକୁ ପଡ଼ିଥାଏ, ଯାହାଫଳରେ ସେମାନେ କାମଛାଡି ଭିକ୍ଷାବୃତ୍ତି ଓ ଦେହ ବ୍ୟବସାୟକୁ ଆଦରି ନେଇଥାନ୍ତି । ଅନ୍ୟ ପକ୍ଷରେ ଅନ୍ୟ କିନ୍ନର ମାନେ ସେହି ଶାରିରୀକ ଓ ଯୌନ ନିର୍ଯ୍ୟାତନା ଭୟରେ ଘର ଛାଡ଼ିବା ମାତ୍ରେ ହିଁ ଭିକ୍ଷାବୃତ୍ତିକୁ ଆଦରି ନେଇଥାନ୍ତି ।

ସାଧାରଣତଃ କିନ୍ନର ମାନେ ରେଳ ଡବାରେ ଭିକ୍ଷାବୃତ୍ତି କରି ଅଥବା ସହରାଞ୍ଚଳ ମାନଙ୍କରେ ଦେହ ବ୍ୟବସାୟ କରି ସେମାନଙ୍କର ପେଟ ପୋଷିଥା'ନ୍ତି । ଗୋଟେ ପଟେ ସମାଜ ସେମନାଙ୍କୁ ତାଙ୍କ ସାମାଜିକ ଅଧିକାରରୁ ବଞ୍ଚିତ କରେ ଏବଂ ସେମାନଙ୍କୁ ଏକ ସାଧାରଣ ମଣିଷଭାବେ ସମାଜରେ ବସବାସ କରିବାପାଇଁ ସୁଯୋଗ ଦେଇନଥାଏ, ଅନ୍ୟପଟେ ସେମାନେ ଯଦି ନିଜର ପେଟପୋଷିବା ପାଇଁ ଭିକ୍ଷାବୃତ୍ତି ଓ ଦେହ ବ୍ୟବସାୟକୁ ଆଦରି ନିଅନ୍ତି ତା'ହେଲେ ମଧ୍ୟ ଆମର ଏ ତଥାକଥିତ ସଭ୍ୟସମାଜ ସେମାନଙ୍କୁ ଘୃଣ୍ୟ ଦୃଷ୍ଟିରେ ଦେଖିବାକୁ ପଛାଏ ନାହିଁ ।

ଟ୍ରେନ୍‌ରେ ଭିକ୍ଷାବୃତ୍ତି କଲା ସମୟରେ ସେମାନଙ୍କୁ ବିଭିନ୍ନ ପ୍ରକାର ଟାହିଟାପରାର ସମ୍ମୁଖିନ ହେବକୁ ପଡ଼ିଥାଏ । କିଏ ତାଙ୍କ ଲୁଗା ଟାଣି ଦିଏ ତ କିଏ ତାଙ୍କ ଅଣ୍ଟାରେ ହାତ ମାରିଦିଏ । ବେଳେବେଳେ କିଛି ଘୃଣ୍ୟ ପ୍ରକୃତିର ଲୋକେ ସେମାନଙ୍କୁ ଯୌନ ନିର୍ଯ୍ୟାତନା ଦେବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ । ଆମ ସମାଜର ସଭ୍ୟ ବ୍ୟକ୍ତିଗଣ ସାଧାରଣ ଜାଗାରେ ବ୍ୟକ୍ତିଗତ ଅଧିକାର, ବ୍ୟକ୍ତିର ସମ୍ମାନ, ବ୍ୟକ୍ତି ବିଶେଷଙ୍କ ଇଜ୍ଜତ ଉପରେ ବଡ ବଡ ଭାଷଣ ଦେଉଥିବା ବେଳେ ସେଠାରେ ସେମାନେ ଜାଣିଶୁଣି ନିରବ ରୁହନ୍ତି । ବିଚରା ସେ କିନ୍ନର ମାନଙ୍କୁ ତାଙ୍କର ସେ ପରିସ୍ଥିତିରେ ଛାଡ଼ିଦେଇ ନିଜେ ସେ ଉପହାସର ମଜା ନେଇଥାନ୍ତି । ପ୍ରତିଦିନ, ପ୍ରତି ଜାଗାରେ କିନ୍ନର ମାନଙ୍କର ମାନବିକ ଓ ସାମାଜିକ ଅଧିକାର ଶୋଷଣ ହେଉଛି କିନ୍ତୁ ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ଆମର ଏ ସମାଜ ନିଜର ମାନସିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିପାରି ନାହିଁ, କିମ୍ବା କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ପାରିନାହିଁ ।

**କିନ୍ନର ମାନଙ୍କର ସାମାଜିକ ଅଧିକାର :**

ସାଧାରଣତଃ କିନ୍ନର ମାନେ ରେଳ ଲାଇନ୍ କଡ଼ରେ ଅଥବା ସହରାଞ୍ଚଳରେ ଥିବା ଛୋଟ ବଡ଼ ବସ୍ତିରେ ନିଜର ଜୀବନଯାପନ କରନ୍ତି । ସେମାନଙ୍କର ନିଜର ଘର ନଥାଏ କିମ୍ବା ନିଜର ଜମି ଜମା ବି ନଥାଏ । ଶେଷରେ ସେମାନଙ୍କର ପରିବାର ଲୋକବି ସେମାନଙ୍କୁ ନିଜର କରିବାକୁ ମନାକରି ଦେଇଥାନ୍ତି । ପୂର୍ବରୁ ଝିଅମାନେ ନିଜ ପୈତୃକ ସମ୍ପତ୍ତିରୁ ଭାଗ ନେବାରୁ ବଞ୍ଚିତ ହେଉଥିଲେ । କିନ୍ତୁ ଏବେ ସମୟ ଟିକେ ବଦଳି ଯାଇଛି, ଝିଅମାନେ ସେମାନଙ୍କ ପୈତୃକ ସମ୍ପତ୍ତିରୁ ଭାଗ ନେବାପାଇଁ ସକ୍ଷମ ହୋଇଛନ୍ତି ଏବଂ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଆଇନ ମଧ୍ୟ ତିଆରି ହୋଇଛି । କିନ୍ତୁ ଦୁଃଖର କଥା ଏହିକି ଯେ ଏବେ ପର୍ଯ୍ୟନ୍ତ କିନ୍ନର ମାନଙ୍କର ଜମିଜମା ଅଧିକାରକୁ ନେଇ ସରକାରଙ୍କ ତରଫରୁ ସେମିତି କିଛି ବିଶେଷ ନିୟମ ତିଆରି ହୋଇପାରିଲା ନାହିଁ । ଆଜି ମଧ୍ୟ କିନ୍ନରମାନେ ତାଙ୍କ ପୈତୃକ ସମ୍ପତ୍ତିରୁ ଭାଗ ପାଇବାରୁ ବଞ୍ଚିତ ହେଉଛନ୍ତି । ଯାହାଫଳରେ ସେମାନେ ରେଳ ଲାଇନ୍ କଡ଼ରେ କିମ୍ବା ସହରାଞ୍ଚଳରେ ଥିବା ବସ୍ତିରେ ରହିବାକୁ ବାଧ୍ୟ ହେଉଛନ୍ତି ।

ସେହିପରି ଅନ୍ୟ ପକ୍ଷରେ ପ୍ରତ୍ୟେକ ପୁରୁଷ ଓ ନାରୀର ସ୍ୱପ୍ନଥାଏ କି ସେ ନିଜ ପାଇଁ ଏକ ଜୀବନ ସାଥିଟିଏ ଖୋଜିବ ଏବଂ ତା ସହିତ ସେ ସାରାଜୀବନ ସୁଖର ସଂସାର କରିବ । କିନ୍ତୁ କିନ୍ନରଙ୍କ ପାଖରୁ ଏହି ଅଧିକାର ମଧ୍ୟ ଛଡାଇ ନିଆଯାଇଛି । ବହୁ ସ୍ଥାନରେ କିନ୍ନର ମାନଙ୍କର ପ୍ରେମ ଓ ବିବାହକୁ ସାମାଜିକ ସ୍ୱୀକୃତି ମିଳିପାରୁନାହିଁ । ଯଦିଓ କିନ୍ନର ମାନଙ୍କ ସହିତ ସବୁ ପୁରୁଷ ଯୌନ ସଂପର୍କ ରଖିଥାନ୍ତି । କିନ୍ତୁ ଯେତେବେଳେ ଜୀବନସାଥି କରିବାର ପ୍ରଶ୍ନ ଉଠେ ସେତେବେଳେ ସେମାନେ ସାମାଜିକ ନିନ୍ଦା, ଅପମାନ ଭୟରେ ବିବାହ କରିବାକୁ ମନା କରିଦିଅନ୍ତି, ବହୁ ସମୟରେ ଆମର ଏ ପୁରୁଷ ପ୍ରାଧାନ୍ୟ ସମାଜ ନିଜର ଯୌନ ଲାଳସାକୁ ମେଣ୍ଟାଇବା ପାଇଁ କିନ୍ନର ମାନଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ କିମ୍ବା ବିବାହର ପ୍ରଲୋଭନ ଦେଖାଇ ସେମାନଙ୍କ

ସହ ଯୌନ ସଂପର୍କ ରଖିଥାନ୍ତି । କିନ୍ତୁ ପର ମୁହୂର୍ତ୍ତରେ ସେମାନଙ୍କର ଯୌନ ଲାଳସା ମେଣ୍ଟିଗଲା ପରେ ସେମାନେ କିନ୍ନର ମାନଙ୍କ ସହ ପ୍ରତାରଣା କରି ଛାଡି ଦେଇଥାନ୍ତି ।

ସାଧାରଣତଃ ହିନ୍ଦୁ ସମାଜରେ କିନ୍ନର ମାନଙ୍କୁ ଉପଦେବତା (ଉରଙ୍ଗସ ଏକ୍ଷୟ) ବୋଲି କୁହାଯାଏ, ବହୁ ସମୟରେ ଲୋକମାନେ କିନ୍ନର ମାନଙ୍କର ଆଶିର୍ବାଦକୁ ଶୁଭ ମନେକରି ତାଙ୍କ ପାଖରୁ ଆଶିର୍ବାଦ ନେବାପାଇଁ ଧାଇଁ ଆସନ୍ତି । ଅନେକ ସମୟରେ ଦେଖାଯାଏ ସେ ପାରିବାରିକ କାର୍ଯ୍ୟକ୍ରମରେ ଯେମିତିକି ବାହାଘର, ବ୍ରତଘର, ଅନ୍ନ ପ୍ରସନ୍ନ ଆଦିରେ କିନ୍ନର ମାନଙ୍କୁ ନିମନ୍ତ୍ରଣ କରାଯାଏ ଏବଂ ସେମାନଙ୍କୁ ବହୁ ଉପହାର ଦେଇ ତାଙ୍କଠାରୁ ଆଶିର୍ବାଦ ନିଆଯାଏ, କିନ୍ତୁ ଦୁଃଖର ବିଷୟ ଏହିକି ଯେ ଯେଉଁ ସମାଜ ତାଙ୍କୁ ଉପଦେବତା ଭାବେ ଏତେ ସମ୍ମାନ ଦେଇଥାଏ ସେହି ସମାଜ ତାଙ୍କଠାରୁ ବହୁ ସାମାଜିକ ଅଧିକାର ମଧ୍ଯ ଛଡାଇ ନେଇଥାଏ । ସେମାନେ ଯେ କେବଳ ସାମାଜିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ତାହା ନୁହେଁ ବରଂ ବହୁ ସମୟରେ ସାମ୍ବିଧାନିକ, ରାଜନୈତିକ ଓ ମାନବିକ ଅଧିକାରରୁ ମଧ୍ଯ ବଞ୍ଚିତ ହେଉଛନ୍ତି । ନିଜ ଦେଶରେ ସେମାନେ ଗୋଟେ "ଦ୍ୱିତୀୟ ଶ୍ରେଣୀର" ନାଗରିକ ଭାବେ ବସବାସ କରୁଛନ୍ତି । ମୁଁ ଏବଂ ମୋର ସହ ଗବେଷକ ପାର୍ଥସାରଥି ସ୍ୱାଇଁ ଓଡ଼ିଶାର ରହୁଥିବା କିନ୍ନର ମାନଙ୍କ ଉପରେ ଗୋଟିଏ ସର୍ଭେ କରୁଥିବା ବେଳେ ଜଣେ କିନ୍ନର ବନ୍ଧୁ ଆମ ସହିତ ଏକ ସଂକ୍ଷିପ୍ତ ବାର୍ତ୍ତାଳାପରେ କହିଥିଲେ ଯେ - "ଆମେ ମଧ୍ଯ ଭାରତର ନାଗରିକ, ଆମର ମଧ୍ଯ ସମାଜରେ ବଞ୍ଚିବାର ଅଧିକାର ରହିଛି, ଆମକୁ କାହିଁକି ଏ ସମାଜ, ଏ ସରକାର ଆମ ଅଧିକାର ପାଇବାରୁ ବଞ୍ଚିତ କରୁଛନ୍ତି ।" ତାଙ୍କର ସେହି ଦୁଇପଦ କଥାରୁ ସ୍ପଷ୍ଟ ବାରି ହେଉଥିଲା ଯେ ସେମାନେ ତାଙ୍କର ସାମାଜିକ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ଏବଂ ତାଙ୍କ ପ୍ରତି ହେଉଥିବା ସମାଜର ଏତେ ନିର୍ଯ୍ୟାତନା ଓ ଲାଞ୍ଛନାକୁ ଛାତିରେ ଚାପିଧରି, ଭିଷଣ ଦୁଃଖ ଅନୁଭବ କରୁଛନ୍ତି ।

ନୋବେଲ ପୁରସ୍କାର ପ୍ରାପ୍ତ ଭାରତୀୟ ଅର୍ଥନୈତିକ ପ୍ରଫେସର ଅର୍ମତ୍ୟ ସେନ୍ ତାଙ୍କର ବହି "ଉରଙ୍ଗରକ୍ଷକ୍କୁଙ୍କରଭଷ୍ପ ବଷ୍ପ ରହ୍ବରରୟକ୍ଷଙ୍କ"ରେ ଲେଖିଛନ୍ତି ଯେ ମଣିଷର ଉରଙ୍ଗରକ୍ଷକ୍କୁଙ୍କରଭଷ୍ପ କହିଲେ, କେବଳ ମଣିଷର ଅର୍ଥନୈତିକ ସମ୍ବଳକୁ ବୁଝାଏ ନାହିଁ ବରଂ ପ୍ରକୃତ ଉରଙ୍ଗରକ୍ଷକ୍କୁଙ୍କରଭଷ୍ପ ର ଅର୍ଥ ମଣିଷର ସାମାଜିକ ଓ ରାଜନୈତିକ ସ୍ୱାଧୀନତା ସହିତ ଅର୍ଥନୈତିକ ସୁବିଧା ସୁଯୋଗକୁ ବୁଝାଇଥାଏ । ମଣିଷ ନିଜ ଇଚ୍ଛା ଅନୁସାରେ ମୁକ୍ତ ଭାବରେ କିମ୍ବା ସାଧୀନ ଭାବରେ ଜୀବନଯାପନ କରିବାକୁ ହିଁ ପ୍ରକୃତ ଉନ୍ନତି ବା ଉରଙ୍ଗରକ୍ଷକ୍କୁଙ୍କରଭଷ୍ପ କୁହାଯାଏ । ତେଣୁ କିନ୍ନର ମାନେ କେବଳ ଭିକ୍ଷା ବୃତ୍ତି କରି କିମ୍ବା ଦେହ ବ୍ୟବସାୟ କରି ଟଙ୍କା ରୋଜଗାର କଲେ ତାଙ୍କର ଉନ୍ନତି ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ସେମାନଙ୍କୁ ଜୀବନର ସମସ୍ତ ପ୍ରକାର ସ୍ୱାଧୀନତା ନ ମିଳିଛି ଏବଂ ସେମାନେ ଯେପର୍ଯ୍ୟନ୍ତ ସାମାଜିକ ଇଜ୍ଜତ ସହ ଏକ ସୁସ୍ଥ ଓ ସ୍ୱାବଲମ୍ବୀ ଜୀବନ ନପାଇଛନ୍ତି ସେ ପର୍ଯ୍ୟନ୍ତ ତାଙ୍କର ଉନ୍ନତି ହୋଇପାରିବ ନାହିଁ ।

**କିନ୍ନର ମାନଙ୍କର ଶିକ୍ଷାଗତ ଅଧିକାର :**

ଶିକ୍ଷାଲାଭ କରିବା ପ୍ରତ୍ୟେକ ମଣିଷର ମୌଳିକ ଅଧିକାର ଅଟେ । ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ଡଃ ବାବା ସାହେବ ଆମ୍ବେଦକର କହିଥିଲେ "ରୟଙ୍କମବଷ୍ପର, ରଶସଷ୍ପବଷ୍ପର ବଭୟ ଙ୍କହ୍ବଶବଭସଷ୍ପର" ତାଙ୍କ କହିବା ଅନୁସାରେ ପ୍ରଥମେ ଶିକ୍ଷିତ ହୁଏ, ତା'ପରେ ସଂଘର୍ଷ କର ଏବଂ ତା'ପରେ ସଂଗଠିତ ହୁଅ । ମାନବିକ ଅଧିକାର ସପକ୍ଷରେ ଲଢ଼େଇ କରିବା ପାଇଁ ଶିକ୍ଷା ମଣିଷକୁ ସାହସ ଯୋଗେଇ ଥାଏ । ଯେତେବେଳେ କୌଣସି ମଣିଷ ଶିକ୍ଷା ଭଳି ଅତି ଆବଶ୍ୟକୀୟ ମୌଳିକ ଅଧିକାରରୁ ବଞ୍ଚିତ ହୋଇଥାଏ ସେତେବେଳେ ସେ ସମାଜରେ ହେଉଥିବା ନିର୍ଯ୍ୟାତନା ଓ ଶୋଷଣ ବିରୋଧରେ ସ୍ୱରଉତ୍ତଳନ କରିବାକୁ ସକ୍ଷମ ହୁଏ ନାହିଁ, ଯାହା ଫଳରେ ତା ପ୍ରତି ଶୋଷଣର ମାତ୍ରା ବଢ଼ି ବଢ଼ି ଯାଏ । ତେଣୁ ସାମାଜିକ ଶୋଷଣରୁ ବଞ୍ଚିବା ପାଇଁ ଶିକ୍ଷା ହିଁ ଏକ ମାତ୍ର ମାଧମ ଯାହା ଦ୍ୱାରା ବ୍ୟକ୍ତି ନିଜର ତଥା ନିଜ ସମୁଦାୟର ଉନ୍ନତି କରିପାରିବ ।

୨୦୧୧ ଜନଗଣନା ଅନୁସାରେ ଭାରତରେ ପ୍ରାୟ ୨୮ଲକ୍ଷ କିନ୍ନର ଅଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟତଃ ୯୦ ପ୍ରତିଶତ କିନ୍ନର ଶିକ୍ଷାଭଳି ମୌଳିକ ଅଧିକାରରୁ ବଞ୍ଚିତ ଅଛନ୍ତି । କିନ୍ନର ମାନଙ୍କ ଉପରେ କରିଥିବା ସର୍ଭେରୁ ଆମେ ଜାଣିବାକୁ ପାଇଲୁ ଯେ ଅଧିକାଂଶ କିନ୍ନର ଅଷ୍ଟମରୁ ଦଶମ ଶ୍ରେଣୀ ମଧ୍ୟରେ ପାଠପଢ଼ା ଛାଡିଛନ୍ତି । ସ୍କୁଲରେ ସାଙ୍ଗସାଥୀ ଓ ଶିକ୍ଷକ ମାନଙ୍କର ଖରାପ ବ୍ୟବହାର ସେମାନଙ୍କୁ ସ୍କୁଲ ନଯିବାକୁ ବାଧ କରିଥାଏ । ଅନ୍ୟପାଖରେ ପାରିବାରିକ ଦୁର୍ବ୍ୟବହାର ଓ ନିର୍ଯ୍ୟାତନା ସେମାନଙ୍କୁ ଘରଛାଡ଼ିବାକୁ ବାଧ କରିଥାଏ, ଶେଷରେ ସେହି କିନ୍ନର ପିଲାଟି ଅଧାରୁ ପାଠ ପଢ଼ା ଛାଡ଼ି ଭିକ୍ଷା ବୃତ୍ତିକୁ ଆଦରି ନେଇଥାଏ ।

୨୦୧୪ର ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ନିୟମ ଅନୁସାରେ କିନ୍ନରମାନଙ୍କର ଉଚ୍ଚଶିକ୍ଷା ପାଇଁ ଏବଂ ରୋଜଗାର ନିଯୁକ୍ତି ପାଇଁ ୨ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରାଯାଇଛି । କିନ୍ତୁ ସେହି ଦୁଇ ପ୍ରତିଶତ ଆରକ୍ଷଣ କେତେ ମାତ୍ରାରେ ଆମ ଓଡ଼ିଶାର କିନ୍ନରମାନଙ୍କୁ ମିଳି ପାରିଛି, ତାହା ଏବେ ଏକ ବିରାଟ ପ୍ରଶ୍ନ ହୋଇ ଠିଆହୋଇଛି । ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଶିକ୍ଷା ପର୍ଯ୍ୟନ୍ତ କିନ୍ନର ମାନଙ୍କର ଯୋଗଦାନ ବହୁତ କମ ରହିଛି । ଯଦିଓ ଓଡ଼ିଶାରେ କେତେଜଣ କିନ୍ନର ଅଛନ୍ତି ତାର କୌଣସି ସରକାରୀ ତଥ୍ୟ ନାହିଁ, କିନ୍ତୁ ଅଲ୍ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗ ମହାସଭାର ସଭାପତି ପ୍ରତାପ କୁମାର ସାହୁଙ୍କ କହିବା ଅନୁଯାୟୀ ଓଡ଼ିଶାରେ ପ୍ରାୟ ୧୫,୦୦୦ କିନ୍ନର ଅଛନ୍ତି । ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା ଏହିକି ଯେ ସେହି ୧୫,୦୦୦ କିନ୍ନର ମାନଙ୍କ ମଧ୍ୟରୁ ମାତ୍ର କେହି ଜଣ ହାତ ଗଣତି କିନ୍ନର ଉଚ୍ଚଶିକ୍ଷା ଲାଭ କରିବାର ସୌଭାଗ୍ୟ ପାଇଛନ୍ତି ।

କିନ୍ନର ମାନଙ୍କର ସାମ୍ବିଧାନିକ ଅଧିକାର :-

ଭାରତୀୟ ସମାଜ ବହୁପୂର୍ବରୁ ହିଁ ଜାତି, ବର୍ଣ୍ଣ ଓ ଲିଙ୍ଗ ଆଧାରରେ ବାଣ୍ଟି ହୋଇଯାଇ ଥିଲା । ତେଣୁ ୧୯୪୭ ମସିହା ଅଗଷ୍ଟ୧୫ରେ ଭାରତ ଯେତେବେଳେ ନିଜକୁ ଇଂରେଜ ଶାସନ କବଳରୁ ମୁକ୍ତ କଲା ସେତେବେଳେ ଡଃ ବାବା ସାହେବ ଆମ୍ବେଦକର ସମାଜର ସବୁ ବର୍ଗର ଲୋକମାନଙ୍କୁ ଆଖିଆଗରେ ରଖି ଭାରତୀୟ ସମ୍ବିଧାନ ରଚନା କଲେ । ଯାହାର ମୂଳ ମନ୍ତ୍ର ଥିଲା ସମାଜରେ ସମାନତା ଆଣିବା ଏବଂ ଭାଇଚାରାର ମନୋଭାବ ବଢ଼ାଇବା, କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ, ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ, ଭାରତୀୟ ସମାଜରେ ସମାନତା ଆସିପାରିଲା ନାହିଁ । ଭାରତୀୟ ସମ୍ବିଧାନ ଅନୁସାରେ ଭାରତର ନାଗରିକମାନେ ସମସ୍ତେ ସମାନ । ଜାତିଗତ, ଧର୍ମଗତ ଓ ଲିଙ୍ଗଗତ ପାର୍ଥକ୍ୟକୁ ପଛରେ ପକାଇ ସମସ୍ତଙ୍କୁ ସମାନ ଅଧିକାର ମିଳିଛି, କିନ୍ତୁ ବାସ୍ତବରେ ସବୁ ବର୍ଗର ଲୋକ ସମାନ ଭାବରେ ସାମ୍ବିଧାନିକ ଅଧିକାରକୁ ଉପଭୋଗ କରିପାରୁ ନାହାଁନ୍ତି ।

ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଥିବା ସମୁଦାୟ ମଧ୍ୟରୁ ଓଡ଼ିଶାର କିନ୍ନର ସମୁଦାୟ ଏକ ବିରାଟ ସମୁଦାୟ ଅଟେ । ଯେଉଁଥିରେ ବହୁ କିନ୍ନର ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ମୁଁ ଏବଂ ମୋର ସହ ଗବେଷଣ ଆମ ସର୍ଭେ ମାଧ୍ୟମରୁ ଜାଣିବାକୁ ପାଇଲୁ ଯେ ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ ବହୁ କିନ୍ନରମାନଙ୍କ ପାଖରେ ଭୋଟ୍‌କାର୍ଡ ଟିଏ ନଥିଲା କିନ୍ତୁ ଏବେ କିଛି ଦିନ ହେବ କିଛି ଏନ୍.ଜି.ଓ ମାଧ୍ୟମରେ ଅଳ୍ପ କିଛି କିନ୍ନର ମାନେ ନିଜର ଭୋଟ୍‌ର କାର୍ଡ ପାଇବାରେ ସକ୍ଷମ ହୋଇଛନ୍ତି । କିନ୍ତୁ ଏବେବି ମଧ୍ୟ ବହୁ କିନ୍ନର ମାନଙ୍କ ପାଖରେ ଭୋଟର କାର୍ଡ ଟିଏ ନାହିଁ । ଯଦିଓ କିଛି କିନ୍ନର ମାନଙ୍କ ପାଖରେ ଭୋଟର କାର୍ଡ଼ ରହିଛି ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ କିନ୍ନର ଏ ପର୍ଯ୍ୟନ୍ତ ଭୋଟ ଦେବାର ସୁଯୋଗ ପାଇନାହାଁନ୍ତି । ଭୋଟର କାର୍ଡ କଥା ଛାଡିଦେଲେ, ଏବେବି ୭୦ ରୁ ୮୦ ପ୍ରତିଶତ କିନ୍ନର ମାନଙ୍କ ପାଖରେ ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍‌ସ ଇତ୍ୟାଦି ନାହିଁ । ଭୋଟ ଦେଇ ସରକାର ଗଠନ କରିବା ପ୍ରତ୍ୟେକ ଭାରତୀୟ ନାଗରିକର ମୌଳିକ ଅଧିକାର ଅଟେ । କିନ୍ତୁ ଓଡ଼ିଶାର ବସବାସ କରୁଥିବା କିନ୍ନରମାନଙ୍କ ମଧ୍ୟରୁ ବହୁ କିନ୍ନର ଏ ପର୍ଯ୍ୟନ୍ତ ଏହି ଅଧିକାରରୁ ବଞ୍ଚିତ ହେଉଛନ୍ତି ।

ଭାରତୀୟ ସମ୍ବିଧାନର ଧାରା (ଇକ୍ୱାଲ୍ଟସମକ୍ଷର) ୧୫ ଅନୁସାରେ କୌଣସି ବ୍ୟକ୍ତିକୁ ନିଜ ଧର୍ମ, ଜାତି ଓ ଲିଙ୍ଗ ଆଧାରରେ ଭେଦଭାବ କରାଯାଇ ପାରିବ ନାହିଁ ।

କିନ୍ତୁ ଓଡ଼ିଶାର କିନ୍ନର ମାନଙ୍କ ମଧ୍ୟରେ ଏହି ସାମ୍ବିଧାନିକ ଅଧିକାର ପୂର୍ଣ୍ଣ ମାତ୍ରାରେ ଉପଯୋଗ ହୋଇପାରି ନାହିଁ । ଏବେ ବି ବହୁ କିନ୍ନରମାନଙ୍କୁ ନିଜର ଭିନ୍ନ ଧରଣର ଲିଙ୍ଗଗତ ପରିଚୟ ପାଇଁ, ଅନେକ ଜାଗାରେ ଅନେକ ପ୍ରକାର ଭେଦଭାବର ଶିକାର ହେବାକୁ ପଡ଼ିଥାଏ ।

ସେହିପରି ଧାରା (ଇକ୍ୱଷସମକ୍ଷର) ୨୧(କ) ଅନୁସାରେ ୬ ରୁ ୧୪ ବର୍ଷର ପ୍ରତ୍ୟେକ ପିଲାକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାଦାନ କରିବାର ନିୟମ ରହିଛି । କିନ୍ତୁ ଓଡ଼ିଶାରେ ଅନେକ କିନ୍ନର ପିଲା ନିଜର ପ୍ରାଥମିକ ଶିକ୍ଷ୍ୟା ଶେଷ କରିବା ଆଗରୁ ତାଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ପଡ଼ିଥାଏ । ଠିକ ସେହି ପରି ଭାରତୀୟ ସମ୍ବିଧାନର ଧାରା (ଇକ୍ୱଷସମକ୍ଷର)୧୯(ଙ) ଅନୁସାରେ ଜଣେ ଭାରତୀୟ ନାଗରିକ ଯେ କୌଣସି ବୃତ୍ତି ରେ ନିଜକୁ ନିୟୋଜିତ କରିପାରିବ, କିନ୍ତୁ ଓଡ଼ିଶାର କିନ୍ନର ମାନଙ୍କ ମଧ୍ୟରେ ଏହି ସାମ୍ବିଧାନିକ ଅଧିକାରଟିଏ ମଧ୍ୟ ଠିକ୍ ଭାବରେ ମିଳି ପାରି ନାହିଁ । ଓଡ଼ିଶାରେ ରହୁଥିବା କିନ୍ନର ମାନଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ କିନ୍ନର ଭିକ୍ଷା ବୃତ୍ତି ଓ ଦେହ ବ୍ୟବସାୟ ଭଳି କାର୍ଯ୍ୟରେ ନିଜକୁ ନିଯୁକ୍ତି ରଖିଥାନ୍ତି । ଯଦି କୌଣସି କିନ୍ନର ଅନ୍ୟ କୌଣସି ସମ୍ମାନ ଜନକ କାର୍ଯ୍ୟରେ ନିଜକୁ ନିଯୁକ୍ତି କରେ ତେବେ ତାଙ୍କୁ ବିଭିନ୍ନ ପ୍ରକାର ଟାହିଟାପରା ଶୁଣିବାକୁ ପଡ଼ିଥାଏ । ଯାହା ଫଳରେ ସେ ମାନସିକ ସ୍ତରରେ ଅନ୍ୟ କୌଣସି ବୃତ୍ତି କରିବାକୁ ଭାଙ୍ଗିପଡ଼େ । ସେହି ସମାନଧାରା (ଇକ୍ୱଷସମକ୍ଷର) ୧୯(ଘ) ରେ ମଧ୍ୟ କୁହାଯାଇଛି ଯେ ଜଣେ ଭାରତୀୟ ନାଗରିକ ହିସାବରେ ଭାରତର ଯେକୌଣସି ସ୍ଥାନରେ ନିଜର ବସବାସ କରିବାର ଅଧିକାର ରହିଛି । କିନ୍ତୁ ବାସ୍ତବରେ ଯଦି କୌଣସି କିନ୍ନର ଆମର ଏହି ତଥାକଥିତ ସଭ୍ୟ ସମାଜ ଭିତରେ ବସବାସ କରିବାକୁ ଚେଷ୍ଟା କରନ୍ତି ତାହେଲେ ସେହି କିନ୍ନରମାନଙ୍କୁ ବହୁ ସାମାଜିକ ଲାଞ୍ଛନା ଓ ନିର୍ଯ୍ୟାତନାର ସ୍ୱୀକାର ହେବାକୁ ପଡ଼ିଥାଏ । ଯାହା ଫଳରେ ସେହି କିନ୍ନର ମାନେ ନିଜକୁ ନିଜ ସମାଜଠାରୁ ଦୂରେଇ ରଖିଥାନ୍ତି ।

ତେଣୁ କିନ୍ନର ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେଲେ, ସମାଜର ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିବା ଆବଶ୍ୟକ । ସମାଜ ତା'ର ମାନସିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ସହିତ ସରକାରୀ କ୍ଷେତ୍ରରେ ମଧ୍ୟ ପ୍ରଚେଷ୍ଟା ଆରମ୍ଭ ହେବା ଆବଶ୍ୟକ । ସରକାର ଓଡ଼ିଶାର କିନ୍ନର ସମୁଦାୟକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ସହିତ, କିନ୍ନର ମାନେ ସେମନାଙ୍କର ସାମ୍ବିଧାନିକ ଅଧିକାରରୁ କିପରି ବଞ୍ଚିତ ନହେବେ ସେ ପ୍ରତି ମଧ୍ୟ ଧ୍ୟାନ ଦେବା ଦରକାର ।

*ପିଏଚ୍.ଡ଼ି ଛାତ୍ର, ଆଇ.ଆଇ.ଟି, ଇନ୍ଦୋର*

୦୦୦



EMERALD
EDUCATION
+2 Science
+3 Science
(Hons & Pass)

Hostel For Boys & Girls
SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

# ଓଡ଼ିଆର ଜଗନ୍ନାଥ

*- ଗୀତାଞ୍ଜଳି ନାୟକ*

ଓଡ଼ିଶାରେ ଅସଂଖ୍ୟ ତୀର୍ଥ ଆଉ ଧର୍ମପୀଠ ଅଛି । କିନ୍ତୁ ଶ୍ରୀକ୍ଷେତ୍ର ପୁରୀ ହେଲା ଓଡ଼ିଶାର ଆତ୍ମକେନ୍ଦ୍ର । ନୀଳାଦ୍ରିନାଥ ଶରଣ ପଞ୍ଜର ମହାପ୍ରଭୁ ଶ୍ରୀ ଜଗନ୍ନାଥ । ଶ୍ରୀମନ୍ଦିରରେ ଥାଇ ଶ୍ରୀମନ୍ଦିର ଉପରେ ବଳିଆରଭୂଜ ମହାପ୍ରଭୁଙ୍କ ଶ୍ରୀହସ୍ତ ରୂପକ ବାନା ହାତହଲାଇ ଦୂରରୁ ଭକ୍ତମାନଙ୍କୁ, ପାପୀମାନଙ୍କୁ, ଦୁଃଖୀମାନଙ୍କୁ ସତେ ଯେପରି ଡାକୁଛନ୍ତି । ଆସ ମୋ ପାଦତଳକୁ, ସବୁଭୟ ଛାଡ଼ି ମୋ ପାଖରେ ଶରଣ ପଶ, ଦୁଃଖ, ବିପଦ, ଦୁରାଗ୍ରହରୁ ମୁଁ ତୁମକୁ ରକ୍ଷା କରିବି, ଓଡ଼ିଆଙ୍କ ହୃଦୟ ରାଜ୍ୟରେ ଏକମାତ୍ର ଅଧିଶ୍ୱର । ଜଗନ୍ନାଥ ମହାପ୍ରଭୁ ଦୁଃଖିତିର ଜଗବନ୍ଧୁ ଡାକକୁ ତାଙ୍କର ହୃଦୟ ରୂପକ କାନକୁ ସବୁବେଳେ ଡେରିଥାନ୍ତି । ମାଆ ଟିଏ ଯେପରି ପିଲା ଯେତେ ଦୂରରେ ଥାଉ ଖାଇଲା କି ନାହିଁ, ଦେହ ଠିକ୍ ଅଛି କି ନାହିଁ, ସବୁ ବେଳେ ତା ମନ ପିଲାଙ୍କ ପାଖରେ ଥାଏ । କାଳିଆର ସେମିତି ତା ଓଡ଼ିଆ ସନ୍ତାନ ଜଳମଧରେ ଥାଉ କି ଦେଶ ବାହାରେ ଥାଉ କି ଆକାଶ ମାର୍ଗରେ ଥାଉ, ସବୁବେଳେ ତା ଚକାଆଖିରେ ଦେଖୁ ଥାଆନ୍ତି । ଟିକେ ବିପଦ ଆସିଲେ ମହାବାହୁ ଛତ୍ରଛାୟା ତଳେ ଆଶ୍ରା ଦେଇଥାନ୍ତି । ତା ସନ୍ତାନର ଟିକେ ଦୁଃଖ ଆସିଲେ, ସେ ଅଦୃଶ୍ୟ ହାତରେ ଲୁହ ପୋଛି, ସବୁ ଦୁଃଖକୁ ସୁଖରେ ପରିଣତ କରନ୍ତି । ଓଡ଼ିଆଙ୍କର ଜନ୍ମରୁ ଜାତକ ତିଆରିରେ ଜଗନ୍ନାଥ ନାମ ନିଆଯାଏ । ଏକୋଇସାରେ ସତ୍ୟନାରାୟଣ ପୂଜା କରିଥାନ୍ତି । ବାହାଘର କଲେ ପ୍ରଥମେ ନିର୍ବନ୍ଧ ହୁଏ । ସେହି ନିର୍ବନ୍ଧରେ ଦୁଇ ବନ୍ଧୁ ମହାପ୍ରସାଦ ଟେକିଥାନ୍ତି । ବାହାଘରର ପ୍ରଥମ ନିମନ୍ତ୍ରଣ ପତ୍ର ଜଗନ୍ନାଥଙ୍କୁ ଦିଆଯାଇଥାଏ । ମୃତ୍ୟୁ ବେଳକୁ ଜଗନ୍ନାଥଙ୍କର ପ୍ରିୟ ଭାଗବତ ଆଉ ନିର୍ମାଲ୍ୟ ଟିକେ ପାଇଁ ଓଡ଼ିଆର ଜୀବନ ଯାଏ ନାହିଁ । ସେମିତି ମୃତ୍ୟୁଶଯ୍ୟାରେ କଷ୍ଟରେ ଛଟପଟ ହେଉଥାଏ । ହେଲେ ନିର୍ମାଲ୍ୟ ଟିକେ ତୁଣ୍ଡରେ ଦେଇ, ଭାଗବତରୁ ଅଧାୟେ ବୋଲିଦେଲେ, ସେ ମୁକ୍ତିପାଇ ଯାଏ ସବୁ ଦୁଃଖ ଆଉ ବନ୍ଧନରୁ । ତା ପରେ ତା ସ୍ୱର୍ଗଦ୍ୱାର ତାକୁ ଟିକେ ନିଜ ଛାତିରେ ଚାପିରଖେ । ତା ପରେ ସବୁଦିନ ପାଇଁ ସେହି ମହୋଦଧିକୁ ଓଡ଼ିଆ ଟି ଆପଣାର କରିନିଏ । ଓଡ଼ିଆଟିଏ ଘରୁ ଗୋଡ଼ କାଢ଼ିଲେ ସେହି ସର୍ବମଙ୍ଗଳ ଜଗନ୍ନାଥଙ୍କୁ ସ୍ମରଣ କରି ବାହାରିଥାଏ । ଯିଏ ଯୁଆଡ଼େ ଗଲେ ବି ଯେଉଁଠି ରୁହନ୍ତୁ ଜଗନ୍ନାଥଙ୍କ ଫଟୋଟିଏ ନନେଇ ଯାଏନାହିଁ । ଓଡ଼ିଆର ଦୈନିକ ପୂଜା ଶେଷରେ ଗୀତା ଟିକେ ନ ପଢ଼ିଲେ ଶାନ୍ତି ଲାଗେନାହିଁ । ସନ୍ଧ୍ୟାରେ ସନ୍ଧ୍ୟା ଦେଇସାରି ସେମିତି ଓଡ଼ିଆଣୀ ଜଗନ୍ନାଥ ଦାସଙ୍କ ଭାଗବତରୁ ଅଧାୟେ ନ ପଢ଼ିଲେ ମନ ବୁଝେନାହିଁ । ଜଗନ୍ନାଥ ବି ଧନୀ, ଗରିବ, ସମ୍ରାଟ ସମସ୍ତଙ୍କୁ ଅପଲକ ନେତ୍ରରେ ଚାହିଁଥାନ୍ତି । ବର୍ଷକେ ଥରେ ତାର ପତିତପାବନ ନେତ ନ ଦେଖିଲେ,ଆଉ ତା ଗରୁଡ଼ଖୁମ୍ବକୁ ନ କୁଣ୍ଢେଇଲେ ତା ଆଖିରେ ଆଖିମିଶାଇ ମନର ସବୁ ଦୁଃଖକୁ ନ କହିଲେ ତା ପ୍ରାଣ ବିକଳରେ କାନ୍ଦିଉଠେ । ଥରେ ଆନନ୍ଦ ବଜାରରେ ଅବଢ଼ା ନ ଖାଇଲେ ତା ଆତ୍ମାତୃପ୍ତି ହୁଏନାହିଁ । ତା ପାଖରେ ଯାଇ ଦୀପଟିଏ ନ ଜଳାଇଲେ ତାକୁ ଯେମିତି ସବୁ ଅନ୍ଧାର ଦେଖାଯାଏ । ସତରେ ସେ ରୂପରେ କେଡ଼େ ଯାଦୁ ଥାଏ, ଯିଏ ଦେଖେ କେବଳ ସେ ହିଁ ଯାଣେ ।

ଓଡ଼ିଶାର ରାଜା ବି ଭାବେ ମୁଁ ରାଜା ନୁହେଁ । ତୁମେ ମୋର ରାଜା ମୁଁ ତୁମର ସେବକ । ଏ ପର୍ଯ୍ୟନ୍ତ ପୁରୀ ଗଜପତି ରାଜା ରଥରେ ଛେରା ପହଁରା କରୁଛନ୍ତି । ଗଜପତି ମହାରାଜା ଅନଙ୍ଗଭୀମ ଦେବ ଓଡ଼ିଶାକୁ ଜଗନ୍ନାଥଙ୍କ ପାଦତଳେ ଅର୍ପଣ କରି ଦେଇ କହିଥିଲେ ତୁମେ ରାଜା । ମୁଁ ଏବଂ ମୋର ବଂଶଧରମାନେ ରାଉତ ରୂପେ ତୁମର ରାଜ୍ୟ ସମ୍ଭାଳିବାର ଦାୟିତ୍ୱରେ ରହିବେ । ଉତ୍କଳର ନେତା ଭାବେ ଯେ ମୁଁ ନେତା ନୁହେଁ, ସ୍ୱୟଂ ନାରାୟଣ ଉତ୍କଳୀୟଙ୍କ ନେତା ଅଟନ୍ତି ।

ଖାଲି ରାଜା ନୁହଁନ୍ତି ଓଡ଼ିଶାର ଦେବାଦେବୀମାନେ ଜଗନ୍ନାଥଙ୍କର ମାହାର୍ଦ୍ଦ ଲାଗି ପାଇଁ ଅନେଇ ଥାଆନ୍ତି । ତାଙ୍କ ପାଖରେ କିଏ ମାହାର୍ଦ୍ଦ ଲାଗି କରନ୍ତାକି ? ଦେବୀ

*Join Now! Join Now!! Join Now!!!*

# MATRUSHAKTI STUDY POINT

*(A Unit of Innovation, Dedication & Care)*

ESTD 2009

**Nayabazar, Cuttack-4,**
**Student Care : 9437107857, 9437563030**
**9776340495, 9861268704**
**E-mail : matrushakti2009@gmail.com**

***Our Salient Features :***

- *The teaching is produced by highly experienced faculty members on the latest trend of the BSE.*
- *Study material prepared by qualified faculty in each subject*
- *Predict future paper trends with* MATRUSHAKTI STUDY POINT ***Test Series*** *every month to give student's practice and more practice.*
- *Stay informed about latest trends syllabus, new study techniques, time management skills and much more.*
- *Confidence building exercise with self test.*
- *Xtra Funda*
- *Problem Solving desk.*
- *Reasonable Fees*

***Your Success Our Aim***

**For Class V to X, +2 Arts, Sc., Com.**

**Admission Open for +3 Arts (All Subject)**

**Result Analysis (through SMS to parents)**

# Admission going on

ମାତୃକାମାନେ ଯଥା କାକଯପୁର ମା' ମଙ୍ଗଳା, ଝଙ୍କଡ଼ର ମା'ଶାରଳା, ଯାଜପୁରର ମା'ବିରଜା ଇତ୍ୟାଦି ଦେବୀ ମା'ମାନେ ଲୋଭାର୍ଥିନୀ ହୋଇ ଜଗନ୍ନାଥଙ୍କର ଅବଢ଼ା ମହାପ୍ରସାଦ ପାଇବା ପାଇଁ ଚାହିଁଥାନ୍ତି । ଜଗନ୍ନାଥଙ୍କର ଛଡ଼ାମାଳ ଏବଂ ପିନ୍ଧାବସ୍ତ୍ର ପିନ୍ଧିବା ପାଇଁ ଖୁବ୍ ଆଗ୍ରହରେ ଅପେକ୍ଷା କରିଥାନ୍ତି । ରଥରେ ମହାପ୍ରଭୁଙ୍କର ହେଉଥିବା ଅଧର ପଣାକୁ ବଡ଼ଦାଣ୍ଡରେ ହାଣ୍ଡିକୁ ଭାଙ୍ଗିଦିଆଯାଏ, ଆଉ ପଣାସବୁ ବଡ଼ଦାଣ୍ଡରେ ବୋହିଯାଏ, ତାକୁ ପାଇ ଯୋଗିନୀ ପିଶାଚିନି ଗଣ ମୋକ୍ଷ ହେଇଥାନ୍ତି ।

ଓଡ଼ିଆ ଯେତେ ଦୂରରେ ଥିଲେ ବି କୌଣସି ବିପଦରେ ପଡ଼ିଥିଲେ ସିଏ ନ ଡାକିଲେ ବି ତାର ବିପଦକୁ କ୍ଷଣକରେ ଚକାଆଖିଆ ସମ୍ପଦରେ ପରିଣତ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପାଖରେ ନିର୍ମାଲ୍ୟ ନିଶ୍ଚୟ ରଖିଥିବେ । ଓଡ଼ିଆଟିଏ ସବୁବେଳେ ଡାକେ ହେ ଆନାଦି ଅନନ୍ତ କୋଟି ଜୀବର ପ୍ରାଣ ତୁମେ ପାଖରେ ଥାଅ କି ଦୂରରେ ଥାଅ, ତୁମେ ଦେଉଳରେ ଥାଅ କି ନ ଥାଅ, ତୁମ ରତ୍ନସିଂହାସନ ଥାଉ କି ନ ଥାଉ ତୁମ ମହୋଦଧି ବହୁଥାଉ ଅବା ଶୁଖିଯାଉ ପ୍ରଭୁ ତୁମେ ମୋ ହୃଦୟରେ ସର୍ବଦା ରହିଥାଅ । ବାକ୍ୟରେ ସତ୍ୟ ଭରିଦିଅ, ମନରେ ସତ୍ୟର ଭକ୍ତି ଭରିଦିଅ । କର୍ମମୋର ସତ୍‌କର୍ମ ଦେଉ । ସବୁ ସୁଖର ଶେଷ ତୁମକୁ ଦେଖିଦେଲେ ହେଉ । ଏହାହିଁ ଓଡ଼ିଆଟିର ଧର୍ମ, ତା ଭୂଇଁରେ ଅଧର୍ମ, ଅନ୍ୟାୟ, ଅତ୍ୟାଚାର ବେଶିଦିନ ତିଷ୍ଠି ପାରେନି । କାରଣ ଜଗନ୍ନାଥ ହେଉଛନ୍ତି, ସତ୍ୟ, ଧର୍ମ, ନ୍ୟାୟର ପ୍ରତୀକ । ପାପ କି ଅନ୍ୟାୟ କଲାବେଳେ ଯଦି ଥରେ ଭାବିବା ସ୍ୱୟଂ ଜଗନ୍ନାଥ ପରା ମୋ ହୃଦୟରେ ଅଛନ୍ତି । ଆଉ ସେ ଏ ସବୁ ଅପକର୍ମ ଦେଖୁଛନ୍ତି, ତେବେ ଖରାପ କାମ କରିବାକୁ ମନ ନିଶ୍ଚୟ ମନା କରିବ । କାହିଁକି ନା ଆମେ ଓଡ଼ିଶା ମାଟିର ଜଗନ୍ନାଥଙ୍କର ସନ୍ତାନ । ସବୁ ତାଙ୍କ ପାଦତଳେ ସମର୍ପଣ କରି ତାଙ୍କ ଶରଣରେ ଆସିବା ଦରକାର ।

ନୂଆପଡ଼ା, ବାଲିସାହି, କଟକ

୦୦୦




**R. S. TUTORIALS**

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

# ଆଶୀର୍ବାଦ

*- ନିଶାକର ସେଠୀ*

ରମେଶ ଜଣେ ନାମକରା ରେଡ଼ିଓ ଆର୍ଟିଷ୍ଟ । ସଙ୍ଗୀତ ବିଭାଗରେ ସଙ୍ଗୀତ ପରିବେଷଣ କରି ବେଶ୍ ସୁଖ୍ୟାତି ଅର୍ଜନ କରିପାରିଛି । କଟକ ରାଣୀହାଟରେ ତା'ର ସୁନ୍ଦର କୋଠାଟିଏ । ନିଃସଙ୍ଗ ଜୀବନ । ବର୍ତ୍ତମାନ ସେ ବହୁ ସମ୍ମାନର ଅଧିକାରୀ । କିନ୍ତୁ ତା'ର ଗୋଟେ ଅଭିମାନ ଓ ଅପମାନ ତା'ହୃଦୟରେ ବସା ବାନ୍ଧି ରହିଛି । ଏଇ ଅପମାନ ଓ ଅଭିମାନ ହିଁ ତାକୁ ଗାଁ ଛଡ଼ା କରେଇଛି । କିନ୍ତୁ ଆଜି ବହୁଦିନ ପରେ ତା'ର ସ୍ନେହମୟୀ ମାଉସୀଙ୍କର ଖଣ୍ଡେ କରୁଣ ଚିଠିର ଆହ୍ୱାନରେ ସେ ଗାଁ ମାଟିକୁ ଫେରି ଯିବାପାଇଁ ବାହାରିଛି । ନିତ୍ୟାନନ୍ଦପୁର ଗ୍ରାମରେ ତା'ର ଘର । ଗ୍ରାମଟି ଛୋଟ ହେଲେ ମଧ୍ୟ ତାହା ଖୁବ୍ ସୁନ୍ଦର । ଗ୍ରାମର ପ୍ରାକୃତିକ ପରିବେଶ ଖୁବ୍ ମନୋମୁଗ୍ଧକର । ଗ୍ରାମର ରାସ୍ତାଘାଟ, ପତ୍ର ତରୁ, ଗୁଳ୍ମଲତା ତା'ର ଚିରପରିଚିତ । ଯେତେ ସେ ଗ୍ରାମ ଅଭିମୁଖେ ଅଗ୍ରସର ହେଉଛି ସେତେ ତା'ର ପିଲାଦିନର କଥା ମନରେ ଉଙ୍କି ମାରୁଚି । ହଁ-ଇଏ ହେଉଛି ସେଇ ରାସ୍ତା, ଯେଉଁ ରାସ୍ତା ଦେଇ ସେ ପ୍ରତ୍ୟହ ସ୍କୁଲ୍‌କୁ ଯାଏ । ସଙ୍ଗେ ସଙ୍ଗେ ତା'ର ପିଲାଦିନର କଥା, ସାଙ୍ଗସାଥୀଙ୍କ କଥା, ଲୁଚା ଲୁଚି ଖେଳ, ବାଗୁଡ଼ି ଖେଳ, ଲୁଣ ଚୋରି ଖେଳ କଥା ମନେପଡ଼ିଲା । ବିଶେଷକରି ମାଳତୀ କଥା ତା'ର ବେଶୀ ମନେପଡ଼ିଲା ।

ମାଳତୀ ତା'ର ପିଲାଦିନର ଏକମାତ୍ର ଖେଳର ସାଥୀ । ମାଳତୀ ନଡ଼ିଆ ଷଢ଼େଇରେ ବାଲିର ଭାତ, ତିଅଣ ରାନ୍ଧି ରମେଶ ନିକଟରେ ବରପତ୍ରରେ ପରଷି ଦିଏ । ରମେଶ ମିଛିମିଛିକା ପାଟିକୁ ନେଇ ହସି ହସି କହେ - ମାଳ ! ଆଜି ତୋର ତରକାରି ଭାରି ବଢ଼ିଆ ହୋଇଛି । ସଙ୍ଗେ ସଙ୍ଗେ ମାଳତୀ କିରିକିରି କରି ହସିଦିଏ । ରମେଶ ତାକୁ ଟାଣି ଆଣି ଗେହ୍ଲା କରେ । ମାଳତୀ ବଇଁଚ କୋଳିର ମାଳା ଗୁନ୍ଥି ରମେଶ ବେକରେ ଝୁଲେଇଦିଏ । ରମେଶ ଗୋଟି ଗୋଟି ଖୋଲି ଖାଇଦିଏ । ମନେପଡ଼େ ସେଇ ଅଭୁଲା ସ୍ମୃତି । ଗ୍ରୀଷ୍ମର ସେଇ ନିଝୁମ୍ ଦ୍ୱିପ୍ରହରେ ରମେଶ ଓ ମାଳତୀ ଆମ୍ବ ସାଉଁଟିବା ପାଇଁ ସାହୁଘର ବେଢ଼ାକୁ ଯାଆନ୍ତି । ସାଉଁଟି ସାରି ଦୁଇଜଣ ଭାଗକରି ନିଅନ୍ତି । ଭାଗରେ କମ୍ ବେଶି ହେଲେ ଦୁଇଜଣଙ୍କ ମଧ୍ୟରେ ତୁମୁଳ ଝଗଡ଼ା ହୁଏ । ରମେଶ ମାଳତୀକୁ ମାରେ । ମାଳତୀ ଭେଁ ଭେଁ ହୋଇ କାନ୍ଦେ । ରମେଶ ତାକୁ ଟାଣିଆଣି ଗେହ୍ଲାକରେ । ତୁ ଆଉ ଏମିତି କାନ୍ଦନା ମୋ ସୁନା କନିଆ । ଏକଥା ଶୁଣି ମାଳତୀର ରାଗସବୁ ପାଣି ହୋଇଯାଏ । ସେ କହେ ରମେଶ ଭାଇ ତୁ ଗୋଟେ ସୁନା ପିଲା । ରମେଶର ମାଳତୀ ମଥା ଆଉଁଶି ଦେଇ କହେ - ମୁଁ ତୋତେ ଆଉ ମାରିବିନି ମାଳ । ଏଇଭଳି ଭାବରେ ରମେଶ ଓ ମାଳତୀ ଦିନଗୁଡ଼ିକ ସୁଖରେ ଅତିବାହିତ ହୋଇଯାଇଛି । କ୍ରମେ ମାଳତୀ ଓ ରମେଶ ବଡ଼ ହେବାକୁ ଲାଗିଲେ । ବର୍ତ୍ତମାନ ରମେଶର ଆଉ ଛୋଟ ବେଳର ଦୁଷ୍ଟାମି ନାହିଁ । ସେ ବର୍ତ୍ତମାନ ଖୁବ୍ ଶାନ୍ତ ଓ ସରଳ ଯୁବକଟିଏ । ସେ ବର୍ତ୍ତମାନ ମେଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଇଛି । ମାଳତୀ ମଧ୍ୟ ମେଟ୍ରିକ୍ ପରୀକ୍ଷାରେ ପାସ୍ କରିଯାଇଛି । ତା'ର ଆଉ ସେମିତି ଦୁଷ୍ଟ ପ୍ରକୃତି ନାହିଁ । ସେ ଯେମିତି ଧୀରସ୍ଥିର ହେଇଛି, ସେମିତି ଗୁଣବତୀ ଓ ରୂପବତୀ ମଧ୍ୟ ହୋଇଛି । ରମେଶ ମାଳତୀର ଧୀରସ୍ଥିର ଭାବ ଏବଂ ସୁନ୍ଦର ମୁଖଶ୍ରୀ ଦେଖି ମୁଗ୍ଧ ହୋଇଯାଉଥିଲା । ସେ ପ୍ରାୟ ସବୁବେଳେ ମାଳତୀ ଉପରକୁ ନଜର ଦେଉଥିଲା । ଦିନେ ସେ ମାଳତୀଠାରେ ଧରାପଡ଼ିଗଲା । ଦିନେ ମାଳତୀ ହସି ହସି କହିଲା, ଏମିତି ତୁ ମୋତେ କ'ଣ ଦେଖୁଛୁ ରମେଶ ଭାଇ ? ରମେଶ ମୁରୁକି ହସି କହିଲା, ତୋତେ ମୁଁ ଦେଖୁଛି ରେ ମାଳ- ତୁ ଆଜିକାଲି କେତେ ବଡ଼ ହେଇଗଲୁଣି । ଏକଥା ଶୁଣି ମାଳତୀ ଖୁବ୍ ଲଜ୍ଜା ପାଇଲା । ଯାଃ-ରମେଶ ଭାଇ ତୁ ବଡ଼ ବେହିଆ ।

ଏଇଭଳି ଭାବରେ କେତେ ବର୍ଷ ବିତିଗଲା । ହଠାତ୍ ରମେଶର ପିଉସୀ ମା' ମରିଗଲେ । ରମେଶ ମୁଣ୍ଡ ଉପରେ ଯେମିତି ଆକାଶ ଖସିପଡ଼ିଲା । ଏଇ ବିଶ୍ୱବ୍ରହ୍ମାଣ୍ଡ ତାକୁ ଅନ୍ଧକାର ଦେଖାଗଲା । ସେ କ'ଣ କରିବ କିଛି ଚିନ୍ତା କରିପାରିଲା ନାହିଁ । ସେ ପାଗଳଙ୍କ ପରି ଖାଲି କାନ୍ଦିବାକୁ ଲାଗିଲା । ଶିଶୁ ଅବସ୍ଥାରେ ରମେଶର ବାପା ଓ ମା'ମରିଯାଇଥିଲେ । ପିଉସୀ ମା'ଥିଲେ ତା'ର ସବୁକିଛି । ସେ କୋଳେଇ ପିଠେଇ ରମେଶକୁ ଏତେ ବଡ଼ କରେଇଛନ୍ତି । ସେ ଆଜି ଚାଲିଯିବା ଫଳରେ ରମେଶର କମର ଭାଙ୍ଗିଯାଇଛି । ଗ୍ରାମର କେତେକ ଲୋକ ଆସି ରମେଶକୁ ବୁଝେଇଥିଲେ । ମାଳତୀ ମଧ୍ୟ ରମେଶକୁ ଆସି ବହୁତ ବୁଝେଇଲା । ଅତ୍ୟନ୍ତ ବ୍ୟଥାଭରା ମନ ନେଇ ରମେଶ ପିଉସୀ ମାଆଙ୍କର ଶୁଦ୍ଧିକ୍ରିୟା କର୍ମ ଶେଷକଲା ।

ରମେଶ ବର୍ତ୍ତମାନ ଏକା । ଏଇ ବିଶ୍ୱବ୍ରହ୍ମାଣ୍ଡରେ ତା'ର ଆପଣାର ବୋଲି କେହି ଜଣେ ନାହିଁ । ତା'ହୃଦୟରେ ଭରି ରହିଥିଲା ଖାଲି ବ୍ୟଥାଭରା ହାହାକାର । ଘରେ ତାକୁ ବସିରହିଲେ ତ ହେବନାହିଁ । କୌଣସି କାମଧନ୍ଦା କରିବାକୁ ପଡ଼ିବ । ଚାକିରି ପାଇଁ ତାକୁ ଗାଁ ଛାଡ଼ିବାକୁ ହେବ । ଦିନେ ମାଳତୀକୁ ଡାକି କହିଲା- ମାଳ ଲୋ, ମୋତେ ଏ ଘର ଛାଡ଼ି ଚାକିରି ସନ୍ଧାନରେ ବାହାରକୁ ଯିବାକୁ ହେବ । ମାଳତୀର ଆଖି ଦୁଇଟି ଲୁହରେ ଛଳଛଳ କରି ଉଠିଲା । ସେ କହିଲା, ପୁଣି କେବେ ଆସିବ ରମେଶ ଭାଇ ? ବ୍ୟଥାଭରା କଣ୍ଠରେ ରମେଶ କହିଲା ହୁଏତ ମୁଁ ଆଉ ଅସିବି ନାହିଁ ମାଳ! ରମେଶ ଆଖିରୁ ଝରିପଡ଼ିଲା କେଇ ବୁନ୍ଦା ଅମାନିଆ ଲୁହ । ମାଳତୀ ମଧ ଧକେଇ ଧକେଇ କାନ୍ଦି ଉଠିଲା । ସେ କହିଲା କାହିଁକି ରମେଶ ଭାଇ ? ତା'ପରେ ମାଳତୀ ରମେଶ ଛାତିରେ ମଥାରଖି ଅଶ୍ରୁ ବିହ୍ୱଳ କଣ୍ଠରେ କହିଲା, ନା - ନା ରମେଶ ଭାଇ ତୁମକୁ ଛାଡ଼ି ମୁଁ କେବେହେଲେ ରହିପାରିବି ନାହିଁ । ରମେଶ ଅତି ଆବେଗଭରା କଣ୍ଠରେ କହିଲା, ନା-ନା ମାଳ, ତୋତେ ଛାଡ଼ି ମୁଁ କୁଆଡ଼କୁ ହେଲେ ଯିବିନାହିଁ । ନୀଡ଼ ଭଙ୍ଗା ପକ୍ଷୀ ଯେମିତି ଆଶ୍ରୟର ସନ୍ଧାନ ପାଇଲେ ନିଶ୍ଚିତ ହୁଏ, ସେଇଭଳି ମାଳତୀ ନିଶ୍ଚିତ ମନରେ ରହିଲା । ମାଳତୀକୁ ରମେଶ ଖୁବ୍ ଭଲପାଇଥିଲା । ସେ ମାଳତୀକୁ ନେଇ ଗୋଟିଏ ଛୋଟ ସଂସାର ପାଳିବାର ସ୍ୱପ୍ନ ଦେଖୁଥିଲା । ସେ ଆଉ ସ୍ଥିର ହୋଇ ରହିପାରିଲା ନାହିଁ । ମାଳତୀର ବାପା ନିକଟକୁ ଯାଇ ସମସ୍ତ କଥା କହିଲା । ହେଲେ, ମାଳତୀର ବାପା ରମେଶ କଥାରେ ରାଜି ହେଲେନାହିଁ । ସେ ମାଳତୀର ଉପସ୍ଥିତିରେ ରମେଶଙ୍କୁ ବହୁ ତିରସ୍କାର କରି ଅପମାନର ବୋଝ ଲଦି ଦେଇ ଘରୁ ବାହାର କରିଦେଲେ । ତଥାପି ରମେଶ ମାଳତୀର ମୁହଁକୁ ଚାହିଁ ସମସ୍ତ ଅପମାନକୁ ମଥାପାତି ସହିନେଲା । କିନ୍ତୁ ଦେଖିଲା ମାଳତୀ ତା'ବାପାଙ୍କ କଥାରେ କୌଣସି ପ୍ରତିବାଦ ନ କରି ଚୁପ୍ ହେଇ ରହିଲା । ରମେଶ ପ୍ରତି ତା'ର ଟିକିଏ ହେଲେ ସହାନୁଭୂତି ନାହିଁ । ସେତେବେଳେ ସେ କ୍ଷୋଭ ଅପମାନରେ, ଦୁଃଖରେ ମ୍ରିୟମାଣ ହୋଇ ସେମାନଙ୍କ ଘରୁ ବାହାରିଗଲା । ଯିବା ସମୟରେ ପଛକୁ ଫେରି ଫେରି ଅନାଉଛି, ମାଳତୀ ତାକୁ ଆଶ୍ୱାସନା ଦେବାପାଇଁ, ଆସିବ କି କ'ଣ; କିନ୍ତୁ ଶେଷପର୍ଯ୍ୟନ୍ତ ମାଳତୀ ଆସିଲାନାହିଁ । ସେ ହତାଶ ଭାବରେ ଆଖିରୁ ଲୁହ ଝରେଇ ଝରେଇ ଫେରିଲା ।

ତା'ପରଦିନ କର୍ମ ସନ୍ଧାନରେ ସେ କଟକ ଯିବାପାଇଁ ବାହାରିଲା । ତା'ର ଗୀତ ଗାଇବା ଏବଂ ଲେଖିବା ଅଭ୍ୟାସ ଥିଲା । ତେଣୁ କଟକ ଆକାଶବାଣୀରେ କିଛିଦିନ ରହି ଗୀତ ଗାଇବାକୁ ସୁଯୋଗ ପାଇଲା । କଟକରେ ରହିବା ତା'ର ବହୁଦିନ ହୋଇଯାଇଛି । ରମେଶ ଆଜି ତା'ର ସେଇ ଚିରପରିଚିତ ଗାଁ ମା'ଟି ନିତ୍ୟାନନ୍ଦପୁର ଆସୁଛି । ଅତୀତର ସେଇ ମଧୁର ସ୍ମୃତିର ଦିନଗୁଡ଼ିକ ତା'ର ମନେପଡୁଛି । ହଜିଲା ଅତୀତ କଥାକୁ ଭାବି ଭାବି ଘରକୁ ଫେରୁଛି । ଦେଖିଲା ମାଳତୀ ଘର ଦାଣ୍ଡରେ ବିରାଟ ଟେଣ୍ଟ୍ ବନ୍ଧାଯାଇଛି । ସୂଚାରୁରୂପେ ସାଜସଜ୍ଜା ମଧ ହୋଇଛି । ମାଇକ୍ ବାଜୁଛି । ଶଙ୍ଖ ଓ ହୁଳହୁଳି ଧ୍ୱନିରେ ସେ ସ୍ଥାନ ଫାଟିପଡୁଛି । ଏହାଦେଖି ତା'ର ଛାତିଟା ଥରି ଉଠିଲା । ସେ ଭାବିଲା ମାଳତୀର ଆଜି ଶୁଭ ବିବାହ ଅନୁଷ୍ଠିତ ହେବାକୁ ଯାଉଛି । ଏଇ କଥା ଭାବି ଭାବି ଦୁଃଖରେ ଭାରାକ୍ରାନ୍ତ ହୋଇ ଗୋଟେ ଗଛ ମୂଳରେ ବସିପଡ଼ିଲା । ଏହା ମଧରେ ବହୁଲୋକ ସେହି ରାସ୍ତାରେ ଯିବାଆସିବା କରୁଛନ୍ତି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ବରଟା ଖୁବ୍ ସୁନ୍ଦର । ଯେମିତି ବର, ସେମିତି କନିଆ । ଏହାଶୁଣି ରମେଶ ନିଶ୍ଚିତଭାବରେ ଯେ ମାଳତୀର ଆଜି ବାହାଘର । ସେ କପାଳରେ କରାଘାତ କରି କହିଲା, ହେ ଭଗବାନ୍! ମୋ ଅଦୃଷ୍ଟରେ କ'ଣ ଏଇୟା ଥିଲା ? ଦୀର୍ଘଦିନ ପରେ ମୁଁ କ'ଣ ଏଇସବୁ ଦେଖିବାକୁ ଆସିଥିଲି ? ଅନ୍ତରରେ ମୁଁ ଯାହାକୁ ଭଲପାଇଥିଲି ସେ ଆଜି ମୋ'ଠାରୁ ହାତଛଡ଼ା ହେଇଯାଉଛି । ନା-ଏ ଗାଁ ଛାଡ଼ି ମୁଁ ବର୍ତ୍ତମାନ ପୁଣି କଟକ ଚାଲିଯିବି । ମାଉସୀଙ୍କୁ ଥରେ ଦେଖାକରି ଚାଲିଯିବି ।

ମାଳତୀର କଥା ଭାବି ତା'ଗୋଡ଼ ଆଉ ଉଠିଲା ନାହିଁ । ପୁଣି କିଛି ସମୟ ବସି ଚିନ୍ତାକଲା । ନା- ମୁଁ ଆସିଛି ଯେତେବେଳେ ମୋର ସ୍ନେହର ପିତୁଳିମାଳକୁ ଥରେ ଦେଖାକରି ଚାଲିଯିବି । ପୁଣି ମାଳତୀ ଘର ଆଡ଼କୁ ଉଠି ଧୀରେ ଧୀରେ ଚାଲିଲା । ଯାଇ ଦେଖିଲା, ବରକନ୍ୟା ବେଦୀ ଉପରେ ବସିଛନ୍ତି । ବ୍ରାହ୍ମଣ ମନ୍ତ୍ରପାଠ କରୁଛି । ବନ୍ଧୁବାନ୍ଧବ, ସାହିପଡ଼ିଶା ଲୋକ ସବୁ ବସି ବିବାହ ଦେଖୁଛନ୍ତି । ବରଯାତ୍ରୀ ଦଳର କେତେକ ଚେଙ୍ଗଡ଼ା ଟୋକା ବସି ନିଜ ନିଜ ମଧରେ କଳିତକରାଳ କରୁଛନ୍ତି । ମଝିରେ ମଝିରେ ଶଙ୍ଖ ଓ ହୁଳହୁଳି ଧ୍ୱନିର ନିନାଦ ଭାସିଆସୁଛି । ବିବାହ ପ୍ରାୟ ସରିଯିବା ଉପରେ ହେଲାଣି । ଏଇ ସମୟରେ ରମେଶ ଯାଇ ବେଦୀ ନିକଟରେ ପହଞ୍ଚି ସଦ୍ୟ ନବବଧୂ ମାଳତୀକୁ ଦେଖି ଆଖିଯୋଡ଼ିକ ତା'ର ଠିକିରି ପଡ଼ିଛି । ସତରେ ମାଳ କେତେ ସୁନ୍ଦର ।

ସୁଦର୍ଶନପୁର, ସୁଆଁ, ଭଦ୍ରକ

୦୦୦

# ମଗ୍ନ ଜୀବନ

*- ଲିପିକା ମହାପାତ୍ର*

ସଲିମ୍ ମରିଗଲା । ସେଦିନ ମାଇକ ଧରା ବାବୁ ଜଣେ ତା' ମା'କୁ ପଚରା ପଚରି କଲାରୁ ଜଣାପଡ଼ିଲା ତାକୁ ପନ୍ଦର ବର୍ଷ ବୟସ । ମାନେ ଶୁଖାଠୁଁ ଦି'ଟା ବର୍ଷ ବଡ଼ ବୋଲି । ନହେଲେ ଯେଉଁ ଟିମ୍ପା ହାଡୁଆ ଚେହେରା, ଶୁଖାଠୁଁ ସାନ ପରି ହି ଲାଗେ ।

ଗଲା କାଲି ମୁହଁ ସଞ୍ଜ ବେଳର କଥା । ଷ୍ଟେସନରେ କେତେଟା ଭଙ୍ଗା ଲାଇଟ୍‌କୁ ଛାଡ଼ିଦେଲେ ବାକି ଲାଇଟଯାକ ଜଳି ସାରିଥିଲା । ଡାହାଣଆଡୁ ମାଡି ଆସୁଥିଲା ଟ୍ରେନ୍‌ଟା । ଶୁଖା ଦେଖିଲାବେଳକୁ ସଲିମ୍ ଯାଇ ଟ୍ରେନ୍ ଲାଇନ୍ ମଝିରେ । ଟ୍ରେନ୍‌ଟା ଷ୍ଟେସନରେ ରହିବନ ତାହା ଶୁଖା ଜାଣେ । ଆବେ ଉଠିଯାଆ ଲାଇନରୁ.... ସଲିମ୍... ଉ...ଠି...ଯା...ବେ... ଟ୍ରେ...ନ୍..., ବିକଳରେ ରଡ଼ିଟେ କଲା ।

ତା'ର ଗଳା ଫଟା ଚିତ୍କାର ମିଳେଇଗଲା ରେଳ ଇଞ୍ଜିନର କର୍କଶ ଗର୍ଜନ ଓ ହୁଇସିଲ୍‌ର ଦର୍ପିତ ଶବ୍ଦରେ । ଆଖି ପିଛୁଳାକେ ଟ୍ରେନ୍‌ଟା ଘୋଷାରି ନେଲା ତା'କୁ ମାଇଲିଏ ବାଟ । ଟ୍ରେନ୍ ଅଟକିଲା ବେଳକୁ ଗୁଡେଇ ମୁଡେଇ ରକ୍ତ ଜୁଡୁବୁଡୁ ଅସାଡ ଦେହଟେ ସଲିମ । ପ୍ଲାଷ୍ଟିକ ବୋତଲଟେ ସାଉଁଟିବାକୁ ଯାଇ ପ୍ରାଣ ଗଲା । ବିଚରା ମଲା ବେଳେ ବି ପ୍ଲାଷ୍ଟିକ୍ ବୋତଲକୁ ଛାତିରେ ଚାପି ଧରିଥାଏ । ସବୁଠୁ ଆଶ୍ଚର୍ଯ୍ୟ ଦୁର୍ଘଟଣାର ପାଞ୍ଚ ମିନିଟ୍ ହେଇନି ସଲିମ୍ ଆସି ଶୁଖା ପଛରେ ହାଜର ।

"ଭୁ... ଭୁ... ଭୁତ...!" ଚମକିପଡି ଉଚ୍ଚାରଣ କଲା ଶୁଖା ।

"ଆବେ ଡରୁଛୁ କ'ଣ ବେ । ମୁଁ ସଲିମ ପରା ।"

"ହଁ ହଁ ବେ ତୁ ସଲିମ୍ । ଡରିବି କାଇଁକି, ଫୁ ଭୁ... ଭୁ...ଭୁତ ଫୁ...ତ ମୁଁ ଡରେନା ।"

"ଆବେ ଭୁତ କିଏ ବେ ? ମୁଁ ଭୁତ ?"

ସଲିମ୍ ଭୂତକୁ ମୋ ଛଡ଼ା କେହି ଦେଖିପାରୁ ନାହାନ୍ତି କାହିଁକି ? ସଲିମ ମୋର ଜିଗିରି ଦୋସ୍ତ୍ ସେଇଥିପାଇଁ ବୋଧେ...... ଏୟା ଭାବିଦେଇ ଯେ ବାବଦରେ ଆଉ ଅଧିକା ମୁଣ୍ଡ ଖେଳାଇବାରୁ ନିବୃତ ରହିଲା ଶୁଖା । ସଲିମ୍ ଚାଲିଲା ବସ୍ତିଟା ଆଡେ, ଶୁଖା ଗୋଡେଇଲା ତା' ପଛରେ ।

ବସ୍ତିଟିଏ । ଟ୍ରେନ ଲାଇନ ତଳକୁ ଆବର୍ଜନା ଭିତରେ ଦରଭଙ୍ଗା ଝୁମ୍ପୁଡି, ବୁଲା କୁକୁରଙ୍କ ସହ କିଛି ମଣିଷଙ୍କ ସମଷ୍ଟି । ଯଦିଓ ସରକାରଙ୍କ ବସ୍ତି ଉଚ୍ଛେଦ ଯୋଜନାରେ ହତଭାଗ୍ୟ ବସ୍ତିଟି ଅନେକଥର ଆସିଲାଣି ହେଲେ ସ୍ଥାନୀୟ ନେତାଙ୍କ ଭୋଟ ପ୍ରତି ଅହେତୁକ ମାୟା ହେତୁ ସୋମନଙ୍କ ହସ୍ତକ୍ଷେପ ଦ୍ୱାରା ପ୍ରତିଥର ରକ୍ଷା ପାଇଯାଇଛି ।

ସଲିମ୍‌ର ମା'ଟିଏ ଛଡା ସଂସାରରେ ଆଉ କେହି ନାହିଁ । ଝୁମ୍ପୁଡ଼ିରେ ମା'କୁ ମୁଣ୍ଡ ପିଟି କାନ୍ଦୁଥିବାର ଦେଖି ସେ ଏକବାର ତାଟସ୍ଥ ।

"ଆବେ ତୁ ମରିଯାଇଛୁ ଖବର ପାଇ ତୋ ମା' କାନ୍ଦୁଛି ପରା," ଅତି ସ୍ୱାଭାବିକ କଣ୍ଠରେ କହିଲା ଶୁଖା । ଏଥରକ ସତରେ ରାଗିଗଲା ସଲିମ୍ । ନିଜର ବଞ୍ଚି ଥିବାର ପ୍ରମାଣ ଦେବାକୁ ଯାଇ ମା'କୁ ଜୋରରେ ହଲେଇ ଦେଲା । ଦଲାକାଏ ପବନ ମା'କାନ୍ଧ ଛୁଇଁ ବହିଗଲା ଯାହା । ଆଶ୍ଚର୍ଯ୍ୟ । ତଥାପି ଉଦ୍ୟମ ଜାରି ରଖିଲା । ସେଠି ଉପସ୍ଥିତ ଦଶ ବାରଜଣ ଲୋକଙ୍କୁ ଜଣ ଜଣ କରି ହଲେଇ ଦେଲା ।

"ମୁଁ ବଞ୍ଚିଛି ବେ ଦେଖ ସବୁ ।'' କାହାକୁ ଶୁଣା ଗଲାନି କେବଳ କେତେଟା ବୁଲା କୁକୁର କାନକୁ ଓହଳାଇ ଲାଙ୍ଗୁଡ ଜାକି କୁଁ କୁଁ ହେଇ ପଳେଇଲେ ।

ମ୍ୟୁନିସିପାଲିଟି ଗାଡିରେ ସଲିମର ଶବ ପହଞ୍ଚିଲା ବେଳକୁ ତା'ମା'ର ଅଚଳା ଅବସ୍ଥା । ବସ୍ତି ଲୋକେ ବିଚାର କଲେ ଶବକୁ ମ୍ୟୁନିସିପାଲିଟି ଦାହ କରିଦେଉ । ତାହାହିଁ ହେଲା, ଗାଡ଼ି ଫେରିବାକୁ ବାହାରିଲାଣି । ହେଲେ ସଲିମ୍ କୋଉ ଛାଡୁଛି । ମୋ ବଡିଟା କୁଆଡେ ନଉଛେ ବେ କହି କହି ଗାଡିଟା ପଛରେ ଗୋଡେଇଗଲା ଖଣ୍ଡେ

ବାଟ । କିଛି ଉପକାର ହେଲାନି ।

ଫେରିଆସି ବଡୀ ଖୁଣ୍ଟକୁ ଆଉଜି ଗୁମ୍ ମାରି ବସିଲା । ଖୁଣ୍ଟ ଆଉ ପାଖୁ ବସି ବସି ଶୁଖା ବହୁତ ବୁଝେଇଲା ପରେ ବୁଝିଲା ଯେ ସେ ଆଉ ଜୀବନରେ ନାହିଁ । ଶୁଖା ବ୍ୟତୀତ କେହି ତାକୁ ଦେଖିପାରୁ ନାହାଁନ୍ତି ।

ସବୁ ଦିନ ପରି ସଲିମ ଓ ଶୁଖା ଚାଲିଲେ ଟ୍ରେନ୍ ପ୍ଲାଟଫର୍ମରୁ ଅନତି ଦୂରରେ ସେଇ ପରିତ୍ୟକ୍ତ ରେଳ ଡବାଟା ଆଡେ । ରାତିରେ ଶୁଖା ଘରକୁ ଯାଏନି । ଘରେ ବାପା ମଦ ଖାଇ ମା'କୁ ପିଟୁ ଥିବ ନହେଲେ ବଡ ନାନି କାହାକୁ ଗୋଟେ ପ୍ରେମିକ କହି ଘରେ ପୁରାଇଥିବ, ଶୁଖାକୁ ଦେଖିଲେ ଘଉଡେଇବ । ଏଇ ରେଳ ଡବା ଭଲ । କନାରେ କିଛି ପେଟ୍ରୋଲ ଢାଳିଦେଇ ମନଦେଇ ସୁଙ୍ଘିବାକୁ ଲାଗିଲା ଶୁଖା । ଖଣ୍ଡିଆ ବିଡିଟା ଝାଳରେ ସେମିତି ଗଲାଣି । ଦିଆସିଲି ମାରି ଦି'ଚାରିଥର ଜୋରରେ ଟାଣିଦେଲା । ପାଟିବାଟୁ ଭସ ଭସ ଧୂଆଁ ବାହାରକରି ଚିତ୍ ହୋଇ ଗଡ଼ିପଡ଼ିଲା । ନିଶା ତା'ଦେହରୁ ପୋଛି ନେଲା ଦିନଯାକର କ୍ଲାନ୍ତି, ଆଖିରେ ନେସିଦେଲା କଳ୍ପନାର ଗୋଲାପୀ ପରଳ ।

ରାତିର ଆକାଶରେ ତାରାଙ୍କ ଗହଣରେ ଜହ୍ନ ଭିତରେ ମୀରାର ମୁହଁଟା ଦିଶିଲା ତାକୁ । ମୀରା ଶୁଖା ବୟସର ହେବ । ଶୁଖା ଜରି, ବୋତଲ ଗୋଟେଇ ବାହାରିଲେ ଦିନେ ଦିନେ ମୀରା ତା'ପଛରେ ଅଖା ଖଣ୍ଡେ ଧରି ଗୋଡାଏ । ଅନ୍ୟ ଦିନ ମାର୍କେଟ ରାସ୍ତାରେ ବୁଲି ବୁଲି ଫୁଲ ବିକେ । ଟ୍ରାଫିକ୍‌ରେ ରେଡ୍ ସିଗ୍‌ନାଲରେ ଗାଡ଼ିଯାକ ଅଟକିଲେ ଦଉଡ଼ି ଯାଇ ଫୁଲ ତୋଡା ବଢ଼େଇ ଦିଏ । କିଏ ତା'ବାକ ଚାତୁରୀରେ ତ କିଏ ଦୟାରେ କିଣି ଦିଅନ୍ତି । ଟ୍ରାଫିକ୍ ଲାଇଟ୍ ଗ୍ରିନ୍ ହେଲାବେଳକୁ ସେ ପଇସା ମୁଠାଇ ଫେରିଆସେ ।

ମୀରା ମାଆ ଷ୍ଟେସନ ପାଖ ଫୁଟପାଥରେ ଇଡଲୀ ଘୁଘୁନି ବିକେ । ଦୈନନ୍ଦିନ ବଡି ସକାଳୁ ଆଖ ପାଖ ପବନ ବାମ୍ଫ ଉଠା ଇଡିଲୀ ଘୁଘୁନି ବାସ୍ନାରେ ମହକିଲାବେଳେ ମୀରା ନିଜ ଭାଗରୁ କିଛି ପତର ଦନାରେ ଧରି ପହଞ୍ଚିଯାଏ ଶୁଖା ପାଖରେ । ଶୁଖା ନାହିଁ କରେ । ମୀରା ମୁହଁ ଶୁଖାଏ । ଶୁଖା ଖାଏ, ଜଣା ପଡେନି ମୀରାକୁ ଖୁସି କରିବାକୁ କି ଭୋକର ଉପଦ୍ରବକୁ କିଛି ସମୟ ପାଇଁ ଚପାଇଦେବାକୁ ॥

ଯଦିଓ ଆଜିଯାଏ ଶୁଖା ଜାଣିପାରିଲାନି ଝିଅମାନଙ୍କୁ ନେଇ ପ୍ରକୃତରେ କ'ଣ କରାଯାଇପାରେ ? ତଥାପି ନିରୋଳା ରାତିରେ ଜହ୍ନରେ ଦେଖେ ମୀରାର ମୁହଁ । ତା'କଥାକୁହା ଆଖି ଯୋଡିକ ଶୁଖାକୁ ଭାରି ନିଜର ଲାଗେ । କିନ୍ତୁ ବୁଝିପାରେନା ମୀରା ତାକୁ ସେହିପରି ଭାବୁଥିବନା, ନିଜର ।

"ଆବେ ଦୋସ୍ତ କ'ଣ ଭାବୁଛୁ ?" ପଚାରିଲା ସଲିମ୍ ।

"କ'ଣ ହେଲା ।"

"ଶୁଣ ଦୋସ୍ତ୍ ହେଲା ମୁଁ ମରିଗଲି, କିନ୍ତୁ ଭେଟିଲି ସେମାନଙ୍କୁ ବେ ।"

"ମଇଁଷି ଉପରେ ସବାର ସାକ୍ଷାତ ଜମ ଦେବତା ନୁହଁ ବେ ।"

"ନା ବେ, ସେଇ ଦୀପା ଆଉ ସୁଶିଲ୍ ମ । ଛୋଟୁ, ପାଣ୍ଡୁ, ଆଉ ସେ ଯୋଉ ଛୋଟିଆ ଟୋକାଟା ନାଁ ଫାଁ କିଛି ନଥିଲା, କିଏ ନିଶା ଖାଇ, କିଏ ମଶା କାମୁଡାରେ ମରି ନଥିଲେ । ଦୀପାକୁ ମୂଷା କାମୁଡ଼ି ଗୋଡ ଆଙ୍ଗୁଠି ଖଣ୍ଡେ ଛିଡେଇ ନେଲା । ଘା' ଭଲହେଲାନି ବୋଲି ମଲା । ମନେ ନାହିଁ ? ଶଳେ ସବୁ ଏଇଠି ଘୁରୁଛନ୍ତି ବେ । ଟ୍ରେନ୍ ଲାଇନ୍‌ରେ ଦଉଡା ଦଉଡ଼ି ହେଇ ଖେଳୁଛନ୍ତି, ନାଳ ପାଣିରେ ଚଢ଼େଇ ଭଳି ଡୁବୁକି ମାରୁଛନ୍ତି । ଭାରି ମଜା ବେ । ତୁ ଥରେ ଆସେ ଦେଖିବୁ ଏକେଦମ୍ ଟେନସନ୍ ଫ୍ରି ।"

"ନା ନା ବାବା ମୋର ମରିବାର ନାହିଁ ।"

ରାତିରେ ନିରବତା ଭେଦି ଅନ୍ଧାରର ଛାତି ଚିରି ଖୁବ୍ ବେଗରେ ଟ୍ରେନ୍ ଟିଏ ଚାଲିଗଲା । ଦୁହେଁ ଅଳ୍ପ ହଲିଗଲେ ।

ସଲିମ୍ ଭାରି ଚତୁର । ଭୁତ ହୋଇଗଲାଣି ସିନା ମାତ୍ର କଥା ବାର୍ତ୍ତା, ଠାଣି ମାଣି ଫୁଟାଣି କେଉଁଥିରେ କିଛି କମିନି । ବଞ୍ଚିଥିଲାବେଳେ ଅଳିଆ ଗଦା, ଟ୍ରେନ୍ କମ୍ପାର୍ଟମେଣ୍ଟ, ଏପରିକି ନର୍ଦମାରୁ କାଚ ବୋତଲ, ପ୍ଲାଷ୍ଟିକ୍ ଜରି, ଟିଣ ଟୁଣା ସାଉଁଟି କମେଇ ଦଉଥିଲା ଦିନକୁ ଦେଢ଼ଶହ ଟଙ୍କା । ତା'ଛଡ଼ା ଗଲା ଆଇଲା ଲୋକଙ୍କୁ ବି ହାତ ପତାଏ ।

ଥରେ ଜଣେ ମାମ୍‌ଙ୍କ ଦେହରେ ମୁଣ୍ଡରେ ଅସନା ହାତରେ ଛୁଇଁ ଛୁଇଁ ଏମିତି ହରକତ କଲା ଯେ ସେ ଭୟରେ ପଚାଶ ଟଙ୍କିଆ ନୋଟ୍‌ଟେ ଫିଙ୍ଗିଦେଇ ପଳେଇଲା । ସେଇଟା ପବନରେ ଉଡ଼ି ଯାଉଛି ତ ସଲିମ୍ ଧରି ପକେଇଲା ଆଉ ସେଦିନ ସବୁ ସାଙ୍ଗ ସାଥିଙ୍କୁ ଚା' ପିଆଇଲା ।

ଆଜିକାଲି ଶୁଣାଯାଉଛି ସଭ୍ୟ ସମାଜରେ କାଳେ

ଆତ୍ମୀୟତା କମି କମି ଯାଉଛି, ହେଲେ ଏଇ ବସ୍ତି ପିଲାଙ୍କୁ ଦେଖ । ଗୋଟାଏ ଅଦୃଶ୍ୟ ଆତ୍ମୀୟତାରେ ବନ୍ଧା ଏମାନେ । ଦିନଯାକ ଯିଏ ଯୁଆଡେ ବୁଲନ୍ତୁନା କାହିଁକି ସଞ୍ଜ ନଇଁଲେ ସମସ୍ତେ ସେଇ ଦଣ୍ଡା ରେଳ ଡବାଟାରେ ଏକାଠି ହୁଅନ୍ତି । ଜଣେ ଯଦି ଆସିନଥାଏ ତା ନିଖୋଜର କାରଣ ଖୋଜନ୍ତି । ନିଜ ନିଜ ମଧ୍ୟରେ ସୁବିଧା ଅସୁବିଧା ବୁଝନ୍ତି । ହସ ପରିହାସ ଚାଲେ । ଦୁଃଖ ସୁଖର ପସରା ମେଲେ । ତା'ପରେ ବୁଡିଯାଆନ୍ତି ସଭିଏଁ ବିଭିନ୍ନ ନିଶାରେ । କିଏ କନାରେ ପେଟ୍ରୋଲ୍ କିମ୍ବା ଅଠା ପରି କିଛି ଅଜାଡିଦେଇ ସୁଙ୍ଘୁଥାଏ ତ କିଏ ପାଉଡର ପରି କିଛି ନାକ ବାଟୁ ଶୋଷିନିଏ ।

ନିଶାରେ ଢୁଳୁଢୁଳୁ ଶୁଖା ଜହ୍ନ କୁ ଚାହେଁ । ଯେତେବେଳେ ଯାଏଁ ଜହ୍ନରେ ମୀରା ମୁହଁ ନଦେଖିଛି, ଯେତେ ବେଳଯାଏଁ ମଶା ଡାଆଁଶଙ୍କ ଫୋଡା ତା' ଦେହକୁ ଫୁଲ ଛୁଆଁ ପରି କୋମଳ ନଲାଗିଛି । ନିଶାକୁ ନିଜଠୁଁ ଅଲଗା କରେନି । ଶୁଖାର ସବୁ ସମୟରେ ହସ ହସ ବିନ୍ଦାସ ମୁହଁ । ସତେ ଅବା ଦୁଃଖ ଶୋକ ତା'ପାଖ ମାଡନ୍ତିନି । ମାତ୍ର ସତ ହେଉଛି ସେ ଜାଣେ ତା ଚାରିପାଖେ ଅନବରତ ଘୂରି ବୁଲୁଥିବା କ□ବ୍ୟନିଷ୍ଠ ଦୁଃଖମାନଙ୍କୁ ମସକା ମାରି କିପରି ମାଟି, ପାଣି, ପବନରୁ ଖୁସି ଗୋଟିଆଯାଏ । ଅଳିଆ ଗଦାରୁ ପ୍ଲାଷ୍ଟିକ ବୋତଲଉପରେ କୁଦିଦେଇ ଗୋଟାଏ ଠୋ' ଶବ୍ଦ ତାକୁ ମଜାଲାଗେ । ନାଳ ପାଣିରେ ଡୁବୁକି ମାରିବାରେ ଯେଉଁ ଆନନ୍ଦ ତା'ଠୁଁ ଆହୁରି ଆନନ୍ଦ ତହିଁରେ ଭାଷି ଆସିଥିବା ଛତା, ଜୋତା କେତେ କ'ଣ ସାଉଁଟି, ସଫାକରି ବିକିବାରେ ।

ମା', ବାପାଙ୍କ ହାତ ଧରି ଚାଲୁଥିବା ସାନ ସାନ ପିଲାଏ ବୁଲି ବୁଲି ଚାହାଁନ୍ତି ଏମାନଙ୍କୁ । ମିଶି ଯାଆନ୍ତେ କି ବସ୍ତି ପିଲାଙ୍କ ଏଇ ଗୋଠରେ । ବର୍ଷାରେ ତିନ୍ତନ୍ତେ, ମାଙ୍କଡ଼ ପରି ରାସ୍ତାରେ ଡିଆଁ କୁଦା କରନ୍ତି । ନା ଥାଆନ୍ତେ ବାପା, ମା'ଙ୍କ ନାଲି ଆଖିକୁ ଡର ନା ସ୍କୁଲ୍‌ରେ ପାଠ ପଢ଼ାର ଝାମେଲା ।

ଭାରତରେ ଦାରିଦ୍ର୍ୟତା ଡିଆଁ ରୋଗ କାଳେ! ମୌକା ଉଣ୍ଡି ନିଜ ଛୁଆଙ୍କ ଭାଗ୍ୟରେ ପଶିଯିବ ଯଦି । ଏମାନଙ୍କୁ ଦେଖିଲା ମା'ମାନେ ନିଜ ଛୁଆଟି ମାନଙ୍କୁ ଡାକିଆଣି ହରବର ହୋଇ ପଳାନ୍ତି ।

ମୀରା ଦୁଇଦିନ ଧରି ଗାୟେବ । କୁଆଡେ ଗଲା କାହାରିକୁ ଜଣା ନାହିଁ । ଶୁଖା ୟାଡେ ସ୍ୟାଡେ ବୁଲି ଯାକୁ ତାକୁ ପଚାରି ଖୋଜିଲା । କୋଉଠି ଖବର ନାହିଁ । ମହାନଗର ରାସ୍ତାରେ ହଜି ଯାଇଥିବା କୁକୁରଟେ ଭଳି ଏଣେ ତେଣେ ଧାଉଁଥାଏ ଶୁଖା ।

ଦୂରରୁ ଶୁଖାକୁ ଦେଖି ଗର୍ଜି ଉଠିଲା ମୀରା ମା', "ଏଇ ଶଳା ମୋ ଝିଅକୁ ଭଗେଇ ନେଇଛି । ପୋଡିଯାଉ ତୋ ମୁହଁ । ଯା ଭାଗେ । ଭାଗ ଶଳା ।"

କିଛି ବୁଝି ପାରିଲାନି ସେ । ଅସହାୟ ଆଖିରେ ୟାଡେ ସ୍ୟାଡେ ଚାହିଁଲା । କିଛି ଲୋକଙ୍କ କୌତୁହଳୀ ମୁହଁଟି ମାନ ଦାନ୍ତ ଦେଖାଇ କୁରୁ କୁରୁ ହେଲେ । ଜଣେ କହିଲା, "ଟୋକାର ନିଶ ଗଜୁରିନି କାମ କରି ଦେଖାଇଦେଲା ।" ମୀରାମା'ର ପରିଚିତ ସେଇ ମୋଟା ଲୋକ କହିଲା, "ଭଲକି ଦୁମ୍ ଦାମ୍ ପିଠିରେ ବସିଗଲେ ଅକଲ ଆସିଯିବ ।" ଦି' ଚାରିଟା ଲୋକ ତା'ଆଡକୁ ଖେଦି ଆସିଲେ ।

ଭୟରେ ଶୁଖା ପୁଣି ଦୌଡ଼ିଲା ସେଇ ପରିତ୍ୟକ୍ତ ରେଳ ବଗି ଆଡେ । ବଗି ଭିତରେ ପଶି ଯାଇ ଟିକେ ସାଷ୍ଟମ ହେଲା । କେମିତି ବୁଝେଇବ ଆଉ କିଏ ବୁଝିବ ଯେ ମୀରା ଯୁଆଡେ ଗଲା ସେଥିରେ ତା'ର କିଛି ଦୋଷ ନାହିଁ ।

ଅବଶ୍ୟ ପରେ ଜଣେ ସାଙ୍ଗର ସୌଜନ୍ୟରୁ ଜାଣିଲା, କେହି ଜଣେ ପାଷାଣ୍ଡ କାଳେ ମୀରାକୁ ଭଗେଇ ନେଇ ପଳେଇଛି । ଆଉ ମୀରାମାଆକୁ କିଏ କହିଦେଇଛି ଶୁଖା ହିଁ ତା'ଝିଅକୁ ଭଗେଇ ନେଇଛି ବୋଲି ।

ମୀରା କୁଆଡେ ଗଲା ଜଣା ନାହିଁ । ଏଇ ସହର ନା ଆଉ କୋଉ । ମୀରାକୁ ଆଉ ଦେଖି ପାରିବନି ଶୁଖା । କ୍ଷଣକ ପାଇଁ ଉଦାସ ହୋଇଗଲା ସତ ମାତ୍ର ପର ମୁହୂର୍ତ୍ତରେ ନିଜକୁ ସଜାଡି ନେଲା । ମୀରାକୁ ଭୁଲିବା ପାଇଁ ତତ୍ପର ହୋଇଉଠିଲା ।

ବସ୍ତି ପିଲାଙ୍କ ପୃଥିବୀରେ ଅତୀତ ଅର୍ଥହୀନ । ସ୍ମୃତି କିଛି ମାନେ ରଖେନା ସେଠି ।

ଭବିଷ୍ୟତ ବୋଲି ଗୋଟିଏ ଅଦଭୁତ ଶବ୍ଦ ସେମାନେ କେବେ ଶୁଣିନଥାନ୍ତି ।

ବର୍ତ୍ତମାନ ହେଉଛି ପ୍ରାଣବନ୍ତ ! ଜୀବନ ଯୁଆଡେ ବୁହାଇ ନେବ ବୋହିଯିବା ସେମାନଙ୍କର ଧର୍ମ । ସବୁ

ଅପରିଚ୍ଛନ୍ନ ବସ୍ତି ପିଲାଙ୍କ ଧର୍ମ ।

ଏଇ ମୁହୂର୍ତ୍ତରେ ଶୁଖାକୁ ନିଶା ଦରକାର । ତା'ସାହାରାରେ ମୀରାକୁ ପାସୋରିଦେବ । ସଲିମ୍ ମଲା ପରଠୁ ବିନୁ ଯୋଗାଉଛି ବସ୍ତି ପିଲାଙ୍କୁ ବିଭିନ୍ନ ପ୍ରକାରର ନିଶା । ମାତ୍ର ତିରିଶ ଟଙ୍କା ବିନିମୟରେ ଶୁଖା ହାତକୁ ବଢ଼େଇଦେଲା କିଛି ନୂଆ ଜିନିଷ ।

"ଯାକୁ ନାକ ବାଟେ ଟାଣିନେ ବେ, ରାତିରେ ବାଦଶାହା ବନିଯିବୁ ।"

ଶୁଖା ପ୍ରସାଦ ପରି ନାକ ବାଟୁ ଶୋଷାଡି ନେଲା ସେ ଚିଜ । ମିନିଟିଏ ମଧ୍ୟରେ ତା'ଧମନୀରେ, ରକ୍ତରେ, ନିଶ୍ୱାସରେ ଚରି ଗଲା ହଳ ହଳ ନିଶାର ଗରଳ । ଆହୁରି ଆହୁରି ଶୋଷାଡି ପକାଇଲା ସେ ।

ଆଃ ! ଆଜି ଜହ୍ନରେ ମୀରା ମୁହଁ ଦେଖିବାକୁ ଇଚ୍ଛା ନାହିଁ । ସେ ବାଦଶାହା ପରା, ଶହ ଶହ ରମଣୀ ଦେଖିବ ଜହ୍ନରେ ।

ନୂଆ ନିଶାଟି ବୋଦେ ଯଥାସାଧ୍ୟ ଉଦ୍ୟମ କରିଥିବ ଶୁଖାକୁ ବାଦଶାହା କରିବାକୁ ମାତ୍ର କିଛି ଜାଣିବା ପୂର୍ବରୁ ହିଁ ସେ ଗାମୁଛା ବିଛାଇ ଗଡିପଡିଲା । ଆଖିପତା ତା'ର ମୁଦି ହୋଇ ଆସିଲା । ତା'ପରେ ତାକୁ ଦେଖାଗଲେ ଦୀପା, ସୁଶିଲ୍, ଛୋଟୁ, ପାଣୁ.... ଏଇମାନେ କିଛି ଦିନ ତଳେ ମରିଥିଲେ ଆଗ ପଛ ହୋଇ । ବିସ୍ମୟ ଓ ଭୟରେ ସେ ପାଟି କରିଉଠିଲା ବେଳକୁ ସଲିମ ର କଣ୍ଠସ୍ୱର ଶୁଣି ଥମ କି ରହିଗଲା । ସଲିମ୍ କହୁଛି, "ନିଶା ଓଭର ତ ଲାଇଫ୍ ଓଭର । ଶଳା ଶୁଖାଟା ଚାଲିଗଲା ବେ ପୁଳାଏ ନିଶା ନେଇ ।"

ଭୂତ ଦେଖିଲା ପରି ଚମକି ପଡ଼ିଲା ଶୁଖା । ଆଖିବୁଲାଇ ଆଣିଲା ଚାରିଆଡକୁ, ଆଉ ପିଲା ସବୁ ଲମ୍ୱ ଲମ୍ୱ ହୋଇ ଗଡୁଛନ୍ତି, ହାତେ ଦୂରରେ ପଡିଛି ତା'ର ନିଷ୍ପଳ ଦେହଟା । ହେ ଭଗବାନ୍ ସେ କ'ଣ ତାହାଲେ.... ।

ସାମ୍ନାରୁ ସଲିମ ଆସୁଛି । ପଛକୁ, ଦୀପା, ସୁଶିଲ୍, ଛୋଟୁ, ପାଣୁ.... । ସମସ୍ତେ ଏକ ସ୍ୱରରେ...ଆ.... ଚାଲିଆ... ଆମ ସହ ... କହି ଶୁଖାକୁ ଘେରି ଗଲେଣି । ଶୁଖା କନ କନ ହୋଇ ଯାଡେ ସ୍ୟାଡେ ଚାହିଁଲା । ଶେଷରେ ମିଶିଗଲା ସେମାନଙ୍କ ଗହଣରେ ।

ଆଉ ଭୋକ ନାହିଁ ଶୋଷ ନାହିଁ, ଦେହ ନାହିଁ କଷ୍ଟ ନାହିଁ । ଆଜି ବି ଟ୍ରେନ୍ ଟିଏ ସେଇବାଟେ ଚାଲିଗଲେ କେତେକ ଅନ୍ୟମନସ୍କ ଯାତ୍ରୀଙ୍କୁ ଶୁଭିଯାଉଛି କି କ'ଣ ସବୁ ଅସ୍ପଷ୍ଟ ଉଚ୍ଚାରଣ ଓ ଏଇ ଅଶରୀରୀଙ୍କ ଖେଳ କଉତୁକ ?

*୨୨୬୪୩, ଉଡରିଜ ଡ୍ରାଇଭ୍, ହେୱାର୍ଡ*
*କାଲିଫର୍ଣ୍ଣିଆ (ଯୁକ୍ତରାଷ୍ଟ ଆମେରିକା)*




INVITATION

SUNDAY MEETING AT 10 AM
VENUE-R.S TUTARIAL, INFRONT OF CHRIST COLLEGE MAIN GATE,
SURYALOK LANE CHANDI CHACK, CUTTACK
COLLECT ID CARD AND GET INFORMATION.

# ଶେଷ ଇଚ୍ଛା

- ଜ୍ୟୋତ୍ସ୍ନାରାଣୀ ମହାନ୍ତି

ଠକ୍! ଠକ୍! ଠକ୍! ଦୂରରୁ ଭାସିଆସୁଥିଲା ଏହି ଶବ୍ଦ । ଯତୀନ୍‌ବାବୁ ବିଛଣା ଉପରେ ପଡ଼ି ସେହି ଶବ୍ଦ ଆଡ଼କୁ କାନ ଡେରିଲେ । କେଉଁଠୁ ଆସୁଛି ଏହି ଶବ୍ଦ! କ'ଣ କେଉଁଠି କିଛି କଟା ହେଉଛି କି ? ଦ୍ୱନ୍ଦ୍ୱରେ ପଡ଼ି ସେ ଭୀମାକୁ ଡାକ ପକାଇଲେ ।

ଘରର ଚାକର ଭୀମା ବହୁତଦିନରୁ ତାଙ୍କ ଘରେ ରହିଆସିଛି । ଏହି ଶବ୍ଦ କେଉଁଠୁ ଆସୁଛି ବୋଲି ସେ ପଚାରିଲେ ଭୀମାକୁ । ଗାଁ'ମୁଣ୍ଡରେ ସେହି ବରଗଛଟା କଟା ହେଉଛି, ଯିଏ ସମସ୍ତଙ୍କର ସୁଖଦୁଃଖର ସାଥୀ, ତାକୁ ସରକାର ନିଲାମ ଧରିଛନ୍ତି ବୋଲି ଶୁଣିଲାମାତ୍ରେ ତାଙ୍କ ଆଖି ଲୁହରେ ଛଳଛଳ ହୋଇଗଲା । ତାଙ୍କୁ ଲାଗିଲା ଯେପରି ଆକାଶଟା ସତେ କି ତାଙ୍କ ମୁଣ୍ଡ ଉପରେ ଛିଡ଼ିପଡ଼ିଲା, ପାଦ ତଳୁ ଭୂମି ଖସିଗଲା । ସେ ଭାବିଲେ ଗାଁ'ମୁଣ୍ଡରେ ସେହି ବରଗଛ କଥା ଯିଏ ଗାଁ'ର ସୁଖଦୁଃଖର ମୂକସାକ୍ଷୀ । ଆନନ୍ଦ-ବିଷାଦ ଜୀବନ-ମରଣର ସାଥୀ । ଗାଁ'ର ଅତୀତ ଓ ବର୍ତ୍ତମାନର ଡାଏରୀ । ଲୋକଙ୍କର କି ଉପକାର ନ କରିଛି ? ତାକୁ କାଟିବା ପାଇଁ ଲୋକଙ୍କ ହାତ ଯାଉଚି କେମିତି ? କି ନିଷ୍ଠୁର ଏ ଲୋକଗୁଡ଼ାକ! ତାଙ୍କ ପିଲାବେଳୁ ଦେଖି ଆସୁଛନ୍ତି ଏହି ଗଛକୁ । ଡାଳପତ୍ର ମେଲି କାୟାବିସ୍ତାର କରି ବିରାଟ ଆକାର ଧାରଣ କରିଥିଲା ଗଛଟା । ତା'ର କୋଳ ଥିଲା ପକ୍ଷୀକୂଳର ବାସସ୍ଥଳୀ । ତା'ର ଶୀତଳ ପବନ କ୍ଲାନ୍ତ ବାଟୋଇ ପାଇଁ ଥିଲା ଅମୃତ ସମାନ । ସେଥିପାଇଁ ତାକୁ 'ବୁଢ଼ାଟିଏ ହୋଇ ଥା' ଆଶୀର୍ବାଦ କରି ଚାଲିଯାଉଥିଲା ବାଟୋଇ । ସେ ଗଛର ଫଳ ପକ୍ଷୀଙ୍କର ଖାଦ୍ୟ । ଗଛଟି ଅଭାବୀଙ୍କୁ ଯୋଗାଉଥିଲା ଜାଳେଣି ।

ଉପରବେଳା ପିଲାଙ୍କର ଗହଳି ଜମୁଥିଲା ସେଠି । ଗୋଡ଼ାବାଗୁଡ଼ି, ବୋହୂଚୋରି ଖେଳରେ ସ୍ଥାନଟି କୋଳାହଳମୟ ହୋଇଉଠୁଥିଲା । ବରଓହଳରେ ଝୁଲୁଥିଲେ କୁନି କୁନି ପିଲାମାନେ । ରଜ ତିନିଦିନ କୁମାରୀମାନଙ୍କର ବିଶେଷ ଆଖଡ଼ା ଜମୁଥିଲା ସେଠାରେ । ନିଜକୁ ଅପୂର୍ବ ବେଶରେ ସଜାଇଥିବା କୁମାରୀମାନଙ୍କର ଅପୂର୍ବ ରୂପ ଲାବଣ୍ୟ ସାଙ୍ଗକୁ ସେମାନଙ୍କର ଟାହିଟାପରା ଓ-ଦୋଳି ସ୍ଥାନଟିକୁ ସରଗରମ କରିଦେଉଥିଲା । ଯେତେ ପୂନେଇଁ ପରବ ସବୁଥିରେ ସେଠାରେ ଦୋକାନ ବଜାରର ଭିଡ଼ ଲାଗୁଥିଲା । ଗୃହପାଳିତ ପଶୁଙ୍କର ମଧ୍ୟ ତାହା ଥିଲା ଅବସର ବିନୋଦନର ସ୍ଥାନ । ସମସ୍ତଙ୍କୁ ସୁଖ ଦେଉ ଦେଉ ବୁଢ଼ା ହୋଇଯାଇଥିଲା ଗଛଟି । ଏବେ ତାକୁ କାଟି ସଫା କରିଦେଉଛନ୍ତି କାହିଁକି ନା ସେ ବୁଢ଼ା ହୋଇଯାଇଛି । କାହାରି କାମରେ ଆସିପାରିବ ନାହିଁ ।

ଏସବୁ କଥା ଭାବୁ ଭାବୁ ଯତୀନ୍‌ବାବୁ ସେହି ଗଛ ସହ ତାଙ୍କର ସମ୍ପର୍କ କଥା ଭାବି ଚାଲିଥିଲେ । ସେ ଯେତେବେଳେ ଚାକିରିରୁ ଘରକୁ ଫେରୁଥିଲେ ସେଇ ବରଗଛ ତାଙ୍କର ସାଥୀ ହୋଇଯାଏ । ସେ ଯେତେବେଳେ ଚାକିରିରୁ ଘରକୁ ଫେରୁଥିଲେ ସେଇ ବରଗଛ ତାଙ୍କର ସାଥୀ ହୋଇଯାଏ । ଖାଇବା ପିଇବା ଭୁଲି ତା'ର ଶୀତଳ ପବନ, ଛାଇ ଉପଭୋଗ କରୁଥିଲେ ସେ । ସେ ସନ୍ଧ୍ୟାରେ ଘଣ୍ଟେ ତା' ମୂଳରେ ନ ବସିଲେ ତାଙ୍କ ମନ ଶାନ୍ତି ହେଉ ନ ଥିଲା ।

ବରଗଛଟି ଥିଲା ତାଙ୍କର ଚିରସାଥୀ । କିନ୍ତୁ ଏବେ ତାଙ୍କର କିଏ ସାଥୀ ହେବ ? କାହା ଛାଇରେ ବସି ଥକ୍‌କା ମାରିବ ସେ ? କାହା ପବନରେ ଦୁଃଖ ମେଣ୍ଟାଇବେ ? ଯେତେ ଦୁଃଖ ଆସିଲେ ବି ସେଇ ଗଛ ମୂଳରେ କିଛି ସମୟ ବସିଗଲେ ତାଙ୍କର ସବୁ ଦୁଃଖ ଚାଲିଯାଉଥିଲା । ଆଜି ସେହି ଗଛକୁ କାଟି ସଫାକରି ଦିଆଯାଉଛି ।

ଠିକ୍ ଏଇଆ ହୋଇଚି ଆଜି ଯତୀନ୍‌ବାବୁଙ୍କ ଜୀବନରେ । ସେହି ବରଗଛ ପରି ଆଜି ସେ ନିକମା ହୋଇଯାଇଛନ୍ତି । କାହାରି କାମରେ ଆସୁନାହାନ୍ତି । ଦିନଥିଲା, ତାଙ୍କର ହାତ ଲେଉଟୁଥିଲେ ପୃଥିବୀ ଲେଉଟୁଥିଲା । ପଦେ କଥାରେ ଅସାଧ୍ୟ କାମ ନିମିଷକ ମଧ୍ୟରେ ହୋଇଯାଉଥିଲା । କ୍ଷମତାର ସୀମାରେଖା ଥିଲା

ଖୁବ୍ ଲମ୍ବା । ଚାକରବାକର ହାତଯୋଡ଼ି ଚାଲିଥିଲେ । ପୁଅ ଝିଅଙ୍କର ସ୍ନେହ ଖୁବ୍ ଥିଲା । ପତ୍ନୀ ଖୁବ୍ ଆଦର କରୁଥିଲେ । ପତିବ୍ରତା ନାରୀ ପରି ଛାଇ ଭଳି ସେବା କରି ଚାଲିଥିଲେ ସେ । ପୁଅଝିଅ ଓ ସ୍ତ୍ରୀ ଦଣ୍ଡେ ନ ଦେଖିଲେ ପାଗଳ ହୋଇଯାଉଥିଲେ । ସମାଜରେ ପ୍ରତିପତ୍ତି ଥିଲା । ଚାକିରି ଥିଲାବେଳେ ସମସ୍ତେ ଖାତିର କରୁଥିଲେ । ସବୁକିଛି ପୂରି ରହିଥିଲା । ଚାକିରିରୁ ଅବସର ପରେ ଜୀବନ ଦୁର୍ବିଷହ ହୋଇପଡ଼ିଛି । ଅସହାୟ ମନେହେଉଛି । ଯେତେଦିନ ପର୍ଯ୍ୟନ୍ତ ମଣିଷ ପାଖରେ ଅର୍ଥ, ପ୍ରତିପତ୍ତି, ସାମର୍ଥ୍ୟ, ବୁଦ୍ଧି ଥିବ ସେତେଦିନ ପର୍ଯ୍ୟନ୍ତ ପୂଜା ପାଉଥିବ । ତା'ପରେ ମଣିଷ ମଣିଷରେ ଗଣା ନୁହେଁ । ଝରାପତ୍ର ପରି, ମଉଳା ଫୁଲ ପରି, ଅଦରକାରୀ ହୋଇଯାଏ । ଥୁଣ୍ଟାଗଛ ପରି ଶ୍ରୀହୀନ ହୋଇଯାଏ ।

ସେଦିନର କଥା ଆଜିବି ମନେପଡ଼ିଲେ ଯତୀନ୍‌ବାବୁଙ୍କର ଛାତି କୁଣ୍ଢେମୋଟ ହୋଇଯାଏ । ମନ ଆକାଶକୁ ଛୁଏଁ । ପୁଅଝିଅ ଚାକିରି କରିବାବେଳେ କହିଥିଲେ ବାପାଙ୍କୁ, "ତୁମକୁ ଆଉ କିଛି କରିବାକୁ ପଡ଼ିବ ନାହିଁ ବାପା..... ମୁଠାଏ ଖାଇ ଖଣ୍ଡେ ପିନ୍ଧି ସୁଖରେ ରହିବ । କିଛି ଦାୟିତ୍ୱ ନେବା ଦରକାର ନାହିଁ । ଆମକୁ ଖାଲି ଆଶୀର୍ବାଦ କର । ଆମେ ଯେପରି ଆମ କର୍ତ୍ତବ୍ୟରେ ହେଳା ନ କରୁ । କିନ୍ତୁ ସେହ ପୁଅ ଝିଅଙ୍କର ଛାଇ ସୁଦ୍ଧା ଏବେ ଦେଖିବାକୁ ପାଉନାହାନ୍ତି ସେ । ଝିଅ ତ ପର ଘରେ । ଭୀମା ଚାକର ହିଁ ତାଙ୍କର ଏକମାତ୍ର ସାହା । ସେ ନ ଥିଲେ କ'ଣ ଯେ ହୋଇଥା'ନ୍ତା ଭାବିବାବେଳକୁ ତାଙ୍କର ଦେହ ଶିହରି ଉଠେ ।

ଛି, ଏ କ'ଣ ଭାବୁଛନ୍ତି ! ପୁଅ ତାଙ୍କର ବିଦେଶ ଯାଇଚି । ବାପାଙ୍କର ନାମ ରଖିଚି । ତା'ର ଭବିଷ୍ୟତ ଉଜ୍ଜ୍ୱଳ ହେଉ । ସେ ଏମିତି ଅସହାୟ ହେବେ କାହିଁକି ? ନିଜେ କିଛି କରିବେ । ବସି ଖାଇଲେ ନଈବାଲି ସରେ ପରା । ଗାଁ'ରେ ତାଙ୍କର ପୁରୁଣା କୋଠା ଅଛି । ତା' ଭିତରେ ବିରାଟ ବଗିଚା । ସେହି ବଗିଚାକୁ ସଜାଡ଼ିବେ । ବଗିଚା କରିବା ତାଙ୍କର ଦିନେ ହବି ଥିଲା । କିନ୍ତୁ ଚାକିରି ଜୀବନରେ ସେଥିପ୍ରତି ସେ ଦୃଷ୍ଟି ଦେଇପାରୁ ନଥିଲେ । ଏବେ ତାହାକୁ କାର୍ଯ୍ୟରେ ପରିଣତ କରିବେ ।

କେତୋଟି ଗରିବ ପିଲାଙ୍କୁ ନେଇ ଶିକ୍ଷାଦାନ ଆରମ୍ଭ କଲେ ଯତୀନ୍‌ବାବୁ । ଶିକ୍ଷା ସହିତ ଦେଶପ୍ରେମ, ଗଛ ଲଗାଇ ପରିବେଶ ସୁନ୍ଦର କରିବା, ନାନାପ୍ରକାରର ଖେଳ ପୁଣି ଅନେକ ଶିକ୍ଷଣୀୟ ବିଷୟରେ ତାଲିମ୍ । ଖୁବ୍ ନାମ ବି ଅର୍ଜନ କଲେ । ତାଙ୍କ ଗାଁ'ର ନାମ ବି ଉଜ୍ଜ୍ୱଳ ହେଲା । ଆସ୍ତେ ଆସ୍ତେ ଅବସର ନେଉଥିବା ଲୋକମାନେ ତାଙ୍କୁ ଦେଖିବାକୁ ହାଜର ହେଲେ । କେମିତି ସେ ଏସବୁ କରିପାରୁଛନ୍ତି ବୋଲି ପଚାରିଲେ । ସେ ଉତ୍ତର ଦେଲେ - ମନର ବଳ ଓ ସାହସ ଏଥିପାଇଁ ଲୋଡ଼ା । ଦୃଢ଼ ମନୋବଳ ହିଁ ମତେ ଏତେବାଟ ନେଇଆସିଛି । ଭୀମା ମୋ' ପାଇଁ ବରଦାନ ସଦୃଶ । ତାହାରି ଯୋଗୁଁ ମୁଁ ଏସବୁ କରିପାରିବି ।

ଖବରକାଗଜରେ 'ମାଳୀ ନିଯୁକ୍ତି' ବିଜ୍ଞାପନ ପଢ଼ି ଚମକିପଡ଼ିଥିଲେ ନବୀନବାବୁ, ଯତୀନ୍‌ବାବୁଙ୍କ ପୁଅ । ସେ ବିଜ୍ଞାପନ ପୁଣି ଇଂରାଜୀ କାଗଜରେ । ତାଙ୍କ ବାପା ଇସ୍ତାହାର ଦେଇଛନ୍ତି ତାଙ୍କ ବଗିଚାରେ ମାଳୀ ନିଯୁକ୍ତି ପାଇଁ । ଆଜିକୁ ତିନିବର୍ଷ ହେଲା ଘରକଥା କିଛି ବୁଝିନାହାନ୍ତି ନବୀନବାବୁ । ଖାଲି ବାପା ଭଲ କି ଖରାପ ଏତିକିମାତ୍ର ବୁଝିଛନ୍ତି । କେମିତି ଚଳୁଛନ୍ତି, କ'ଣ କରୁଛନ୍ତି, ସେ ଆଡ଼କୁ ନଜର ନଥାଏ । ପଇସା ଦେବା ତ ଦୂରର କଥା, ଥରେ ଭଲ ମନ୍ଦ ମଧ୍ୟ ପଚାରନ୍ତି ନାହିଁ । କେବେ କେମିତି ଦରକାର ପଡ଼ିଲେ ମଧ୍ୟ ଘରକୁ ଆସନ୍ତି ନାହିଁ । ଅସବର ପରେ ବାପା କ'ଣ କରୁଛନ୍ତି ? ସେ କ'ଣ ଏତେବଡ଼ ବଗିଚା କରିଛନ୍ତି ଯେ ମାଳୀ ଦରକାର ପଡୁଚି ? ନବୀନବାବୁ ଚାକିରି କଲାପରେ ବାପାଙ୍କୁ କହିଥିବା କେଇପଦ କଥା ତାଙ୍କର ଆଜି ମନେପଡୁଛି । "ବାପା, ଆପଣଙ୍କୁ ଆଉ କିଛି କରିବାକୁ ପଡ଼ିବ ନାହିଁ । ଖାଇପିଇ ଆପଣ ଆରାମରେ ରହିବେ । ଯେଉଁଠାକୁ ଇଚ୍ଛା କରିବେ ଯିବେ । ଆମକୁ ଖାଲି ଆଶୀର୍ବାଦ କରନ୍ତୁ । ଆମେ ଆମ କର୍ତ୍ତବ୍ୟରେ ଯେମିତି ହେଳା ନ କରୁ ।"

ଖୁବ୍ ଲଜ୍ଜିତ ଅନୁଭବ କଲେ ସେ । ଧିକ୍‌କାର କଲେ ନିଜକୁ । ଦୁଇ ଆଖିରୁ ଲୁହ ଝରିଆସିଲା । ସେ କ'ଣ ତାଙ୍କର କର୍ତ୍ତବ୍ୟ ପାଳନ କରିଛନ୍ତି ? ଦଶବର୍ଷ କାଳ ଦିନେ ବି ବାପାଙ୍କ କଥା ବୁଝିନାହାନ୍ତି ସେ । ଘର କଥା ପୂରା ଭୁଲିଯାଇଛନ୍ତି । କେତେ କଷ୍ଟ କରି ପଢ଼ାଇଥିଲେ ବାପା ?

ଭାଇଭଉଣୀଙ୍କ ପାଇଁ ସବୁବେଳେ ବାପାବୋଉଙ୍କ ମଧ୍ୟରେ ଝଗଡ଼ା ଲାଗୁଥିଲା । ବାପା ରାଗିଗଲେ କହୁଥିଲେ - "ତମେ ମା', ପୁଅ ଓ ଝିଅ ମିଶି ମତେ ଫାଳେ ଫାଳେ ଖାଇଯାଅ । ଟିକେ ବିଷ ଦେଇଦିଅ, ସବୁଆଡ଼କୁ ତୁଟିଯିବ ।" ବୋଉ ବାପାଙ୍କ ଝଗଡ଼ା ସେମାନଙ୍କ ଭଲ ପାଇଁ । ବାପା ଆତ୍ମସମ୍ମାନକୁ ଭାରି ଜଗୁଥିଲେ । ଭାରି ଅଭିମାନୀ ସେ । କାହାକୁ କିଛି କହନ୍ତି ନାହିଁ । ଶେଷପର୍ଯ୍ୟନ୍ତ ତାଙ୍କର ସେହି ଗୁଣ ରହିଥିଲା । ଆଜକୁ ପାଞ୍ଚ ବର୍ଷ ହେଲା ବୋଉ ଇହଧାମ ପରିତ୍ୟାଗ କଲାଣି । ଅବସର ପରେ ବାପା ଏତେସବୁ କେମିତି କଲେ ଥରୁଟିଏ ବି ଜଣାଇଲେ ନାହିଁ । ଆତ୍ମନିର୍ଭରଶୀଳ ହେବାପାଇଁ ଅନେକ କଷ୍ଟ ଓ ଚେଷ୍ଟା କରିଥିବେ ।

ସେଦିନ ଥାଏ ରିବିବାର । ଗାଁ' ଘରଦାଣ୍ଡ ଆଗରେ କାର୍‌ଟିଏ ଆସି ଛିଡ଼ାହେଲା । ନବୀନବାବୁ କାରରୁ ଓହ୍ଲାଇ ଦେଖନ୍ତି ତ, ତାଙ୍କ ଘର ଆଗରେ ଲୋକଗହଳି । ଭିତରକୁ ପଶିଯାଇ ଦେଖିଲେ ଧଳାଲୁଗା ଘୋଡ଼ାହୋଇ ମଣିଷଟିଏ ଶୋଇଛି । ସ୍ଥାଣୁ ପାଲଟିଗଲେ ନବୀନବାବୁ । ନିଜ ଆଖିକୁ ବିଶ୍ୱାସ କରିପାରୁ ନଥିଲେ । ପାଟିରୁ ଭାଷା ହଜିଯାଇଥିଲା । କଣ୍ଠରୁ ସ୍ୱର ମଧ୍ୟ ବାହାରୁ ନଥିଲା । ନିଜ ସମ୍ପର୍କରେ ଭୁଲିଯାଇଥିଲେ ମଧ୍ୟ କାହାକୁ ଦେଖାକରିବାକୁ ଆସିଥିଲେ ତାହା ସେ ଭୁଲିଯାଇଥିଲେ । ପ୍ରକୃତିସ୍ଥ ହେଲାବେଳକୁ ଆଉ କିଛି ନ ଥିଲା । ଯାହାକୁ ଦେଖିବାକୁ ଆସିଥିଲେ ସେ ତ ଧଳାଲୁଗାରେ ମୁହଁ ଘୋଡ଼ାଇ ଶୋଇଛନ୍ତି । ମୁହଁରୁ ଲୁଗା କାଢ଼ି ଦେଖିଲେ ବାପା ତାଙ୍କର ମହାନିଦ୍ରାରେ । ଚିନ୍ତା ନାହିଁ, ନିଶ୍ଚିନ୍ତରେ ଶୋଇପଡ଼ିଛନ୍ତି ଚିରଦିନ ପାଇଁ । ନବୀନ୍‌ବାବୁ ବାପା ବାପା ବୋଲି ଚିତ୍କାର ଛାଡ଼ି ଶବ ଉପରେ କଚାଡ଼ି ହୋଇପଡ଼ିଲେ । ମୁଣ୍ଡ ପିଟିଦେଲେ କ'ଣ ବାପା ଆଉ ଫେରିଆସିବେ ? ସମସ୍ତେ ମିଶି ତାଙ୍କୁ ସାନ୍ତ୍ୱନା ଦେଲେ ।

ଶବ ସତ୍କାର ହେଲା । ସବୁକିଛି ଥଣ୍ଡା ପଡ଼ିଯିବା ପରେ ଭୀମା ନବୀନବାବୁଙ୍କୁ ଖଣ୍ଡେ ଚିଠି ଦେଲେ ଓ କହିଲେ ଆପଣଙ୍କୁ ଦେବାପାଇଁ ବାବୁ କହିଥିଲେ । ବିସ୍ମୟାଭିଭୂତ ହୋଇ ନବୀନବାବୁ ଚିଠି ଖୋଲି ପଢ଼ିବସିଲେ । ଚିଠିରେ ଲେଖାଥିଲା -

ସ୍ନେହର ନବୀନ,

ମୋର ଆଶୀର୍ବାଦ ନେବୁ । ମୋ ଆଶୀର୍ବାଦ ସଦାସର୍ବଦା ତୋ ପାଖେ ପାଖେ ଅଛି । ତୁ ବଡ଼ ହୋଇଛୁ ବୋଲି କହିବା ମୋର ଦରକାର ନାହିଁ । ଏତିକି ମାତ୍ର ମୋର ଅନୁରୋଧ, ଏ ବଗିଚାଟିକୁ ତୁ ବୁଢ଼ା ହେବା ପର୍ଯ୍ୟନ୍ତ ଦାୟିତ୍ୱରେ ରଖିବୁ । ବର୍ତ୍ତମାନ ପାଇଁ ଭୀମା ତା'ର ମାଳୀ ହେବ । ତୋର କିଛି ଅଭାବ ନାହିଁ । ସେ ଗରିବ ଲୋକ । ଆଜି ଯଦି ମୁଁ ଏତେବାଟ ଯାଇଥାଏ କେବଳ ତାଆରି ପାଇଁ । ତାଆରି ଯୋଗୁଁ ଏସବୁ ସମ୍ଭବ ହୋଇଛି । ତୋର ଯଦି ମୋ ପ୍ରତି ପ୍ରକୃତରେ ସ୍ନେହ ଓ ଭକ୍ତି ଥିବ ତେବେ ମୋର ଏହି ଅନୁରୋଧ ଟିକକ ରଖିବୁ । ତୋ' ଅନ୍ତେ ଭୀମା ପୁଅ ନାମରେ ବଗିଚାଟିକୁ କରିଦେବୁ । ଭଗବାନ୍ ତୋର ମଙ୍ଗଳ କରିବେ ।

॥ ଇତି ॥

ତୋର ବାପା

ଭୀମାକୁ କୁଣ୍ଢାଇ ପକାଇ କଇଁ କଇଁ ହୋଇ କାନ୍ଦିଉଠିଲେ ନବୀନବାବୁ । କହିଲେ ମୁଁ ପୁଅ ହୋଇ ଯାହା କରିପାରିଲି ନାହିଁ, ତୁ ତାହାଠାରୁ ଅଧିକ କରିଚୁ । ତୋ' ଜୀବନ ଧନ୍ୟ । ଏସବୁ ତୋର, ବାପାଙ୍କ ଇଚ୍ଛା ପୂରଣ ହେଉ । ମୋର କିଛି ଦରକାର ନାହିଁ । ଏହା କହି ସେ ଗାଡ଼ିରେ ଚାଲିଗଲେ । ଭୀମା ଚାଲିଯାଉଥିବା ଗାଡ଼ି ଆଡ଼କୁ ଅନାଇ ରହିଥିଲା ।

ଅରଡ଼ବଜାର (ମିଲ୍ ପଡ଼ିଆ), ବାଲେଶ୍ୱର

୦୦୦୦

# ତୁମ ପରିବେଶ ତୁମରି ହାତେ

- ବିସ୍ମୟୀ ସାହୁ

'ମନେଅଛି ମୋର । ଗୋଟି ଗୋଟି କରି ସବୁ ମନେଅଛି । ଦନେଇ ମଉସା କେତେ ସେବା କେତେ ଯତନ ନଉନଥିଲା ମୋର ଆଉ ମୋ ଭାଇମାନଙ୍କର । ସକାଳୁ ସକାଳୁ ଚା' କପ୍‌କୁ ପଛେ ଭୁଲିଯାଇଥିବ କିନ୍ତୁ ମୋର ଆଉ ମୋ' ଭାଇମାନଙ୍କ ମୂଳରେ ପାଣି ମୁନ୍ଦାଏ ଦେବାକୁ କେବେ ବି ଭୁଲେନି, ହେଲେ ତୁମେମାନେ ବଡ ସ୍ୱାର୍ଥପର । ଦନେଇ ମଉସା ତ ପୁଣି ସେହି ମଣିଷ ଯିଏ ନିଜ ହାତରେ ଆମର କେତେ ସେବା ନ କରିଛି, କହିଲ ଦେଖି ?', ହେଲେ ଆଜି ମୋର ସେହି ବନ୍ଧୁ ଦନେଇ ମଉସା ଆଉ ନାହିଁ । ଆଉ ତା'ରି ମଣିଷ ଜାତି ହୋଇ ମଧ ଆଜି ତୁମେମାନେ ଆମର ଶତ୍ରୁ ହୋଇଯାଇଛ, ହଁ ହଁ ଶତ୍ରୁ । ତୁମ ମାନଙ୍କ ହୃଦୟ ସତରେ ବଡ କଠୋର ହୋଇଗଲାଣି । ତମେ ଆମକୁ ଆଜି ବୁଝି ପାରୁନ । ଜାଣିପରୁନ ଆମ ଉପକାରିତାକୁ, ନହେଲେ କ'ଣ ଆମକୁ ଏମିତି ଖଣ୍ଡ ଖଣ୍ଡ କରି କାଟି ପଦା କରିଦିଅ' । ତମେମାନେ ବଡ ସ୍ୱାର୍ଥପର ହୋଇଗଲ, ବଡ ସ୍ୱାର୍ଥପର । କାଲି ପରି ଲାଗୁଛି କେତେ ନେହୁରା ନହୋଇଛି ଦନେଇ ମଉସା ଆମମାନଙ୍କୁ ନ ମାରିବା ପାଇଁ । ଶୁଣିଲେନି । କେହି ତା'କଥା ଶୁଣିଲେନି ।

ସକାଳ ହେଲେ କେତେ ଜୀବଜନ୍ତୁ । କେତେ ପଶୁପକ୍ଷୀ ମୋରି କୋଳରେ ଆଶ୍ରୟ ବାନ୍ଧୁଛନ୍ତି । ମା'ର ପଣତ ଯେମିତି ତା' ସନ୍ତାନକୁ ସବୁ ବିପଦରୁ ରକ୍ଷା କରିଥାଏ ମୁଁ ସେମିତି ମୋର ଏଇ ବନ୍ଧୁମାନଙ୍କୁ ରକ୍ଷା କରୁଥିଲି । କିନ୍ତୁ ଏବେ, ମୁଁ ସିନା ବଞ୍ଚିଲେ କିଛି କରିବି । କ'ଣ କରିଛି କେଜାଣି ମୁଁ । ଯେଉଁଥିପାଇଁ ତୁମେମାନେ ଆଜି ମୋତେ ମାରିଦେବାକୁ ବାହାରିଛ । ତୁମ ମାନବ ଜାତି ସିନା ନିଜର ସ୍ୱାର୍ଥ ପାଇଁ କାମ କରେ, ହେଲେ ମୁଁ ତ ନିଃସ୍ୱାର୍ଥପର ହୋଇ ସମସ୍ତଙ୍କ ସେବା କରି ଆସିଛି । ସତରେ ତୁମେମାନେ ମୋ ଦନେଇ ମଉସା ପରି ହୋଇପାରିବ ନାହିଁ । ଖାଲି ଶୁଣିଥିଲି ମଣିଷ ସ୍ୱାର୍ଥପର କିନ୍ତୁ ଦେଖିନଥିଲି ତା'ର କ୍ରିୟା କାଳାପ । ମୋ' ବନ୍ଧୁ ଦନେଇ ମଉସା ମୋତେ ଯେମିତି ସିନିହ ଶରଧା କରୁଥିଲା, ସିଏ କିଛି କମ୍ କଥା ନଥିଲା, ଯେ ସେତେବେଳେ ମୁଁ ମଣିଷକୁ ସ୍ୱାର୍ଥପର ଭାବିଥାନ୍ତି । ତା' ପ୍ରେମରେ ମୁଁ ଏତେ ଅନ୍ଧ ହୋଇଯାଇଥିଲି ଯେ । ମୁଁ ଭୁଲି ଯାଇଥିଲି, ମୁଁ ଗୋଟିଏ ଗଛ ବୋଲି । ଯିଏ ମଣିଷ ପରି ନାଁ କଥା କହିପାରେ ନାଁ ଚାଲିପାରେ ନାଁ ନିଜର ଦୁଃଖକୁ କାହା ଆଗରେ ପ୍ରକାଶ କରିପାରେ । ପିଲାମାନଙ୍କର ବହିରୁ ଆରମ୍ଭ କରି ମଣିଷ ମନ ପର୍ଯ୍ୟନ୍ତ ସବୁଠି ମୁଁ କେବଳ ଗୋଟିଏ ଅଚଳନ୍ତି ନିର୍ଜୀବ ବସ୍ତୁ । ବଡ ବଡ ଅକ୍ଷରରେ ଲେଖା ହୋଇଛି, 'ବୃକ୍ଷ ହିଁ ଆମର ପ୍ରକୃତ ବନ୍ଧୁ ।' ହେଲେ କ'ଣ ହେବ ? ବେଳେ ବେଳେ ଭାବେ ଯଦି ସେତିକି ବି ମୋ ଭାଗ୍ୟରେ ନଥା''। ତା' ହେଲେ ହୁଏ ତ କେହିବି ଚିହ୍ନି ନଥାନ୍ତେ ମୋତେ । ଖାଲି କ'ଣ ମୋତେ ମୋ ପରିବାରର ମୋ ବନ୍ଧୁ କି ଭାଇ ଯେଉଁମାନଙ୍କର ଅବସ୍ଥା ଆଜି ମୋ ପରି ହୋଇଛି । କ'ଣ ପାଇଁ କେଜାଣି ଏ ମଣିଷ ଆମ ଉପରେ ଦାଉ ସାଧୁଛି । ମୁଁ ଜାଣିପାରୁ ନାହିଁ । ମଣିଷ ଆଜି ମଣିଷକୁ ଚିହ୍ନିବାରେ ହୁଏତ ଭୁଲ କରୁଛି । ଭୋକିଲାକୁ ଦାନାଟିଏ ଦବା ପାଇଁ ଏ ମାନବ ଜାତି ହୁଏତ କୁଣ୍ଠାବୋଧ କରୁଛି କିନ୍ତୁ ମୁଁ କି ମୋ ବନ୍ଧୁମାନେ ଏ ମାନବ ଜାତିକୁ ଖୁବ୍ ଦେଇଛୁ, କେବେ କୌଣସିଥିରେ ଅବହେଳା କରିନୁ । କି ଆଗକୁ କରିବୁ ବି ନାହିଁ । ହେଲେ କଥାରେ ନାହିଁ, ମୋତେ ଯେତେ ମାଡିବୁ ମାଠ, ମୁଁ ସେଇ ଦରପୋଡା କାଠ', 'ନୁହେଁ ତ ଆଉ କ'ଣ । ଏ ମଣିଷର ସ୍ୱଭାବ ପରା ସେୟା । ଯେଉଁ ଥାଳିରେ ଖାଇବ ସେହି ଥାଳିକୁ ଗୋଇଠା ମାରିବ । ଏମିତି ତା'ର ଅଭ୍ୟାସ । ନହେଲେ ଦେଖିନୁ ସେ ଅନାମ ବାରିକ ମୋତେ କ'ଣ ଚିଃ କରିଥା'। କମ୍ ଦଶା ନ ଭୋଗିଛି । ହଇଜା ରୋଗ ଗୋଟେ ଡିଆଁ ରୋଗ ଭାବି ଗାଁ ଲୋକ ଯେତେବେଳେ ତା'କୁ ଆଡେଇ ଦେଲେ । ଘର ଲୋକ କେହିବି ପାଖରେ ପୁରେଇଲେ ନାହିଁ । ସେତେବେଳେ କିଏ ତା'କୁ ରଖିଲା । କିଏ ତା'କୁ ଅନେଇଲା ? ମୁଁ ଆଉ ଦନେଇ ମଉସା, କେତେ ସେବା

ଯତନ ନ କରିଛୁ, ଟିକିଏ ହେଲେବି ଖରା ତା' ଦେହରେ ବାଜିବାକୁ ଦେଇନି, ଯେତେବେଳେ ଯାହା ଚାହିଁଛି ମୁଁ ଆଉ ମୋ ଦନେଇ ମଉସା ତା'ର ସେ ଅଭାବକୁ ପୂରଣ କରିଛୁ । ଦନିଆ ମଉସା ସିନା ତା'ର ଜାତିର ବୋଲି ତା' ପାଖରେ ରଖିପାରୁନଥିଲ । ଡରଥିବ କାଳେ ନିଆଁ ପାଣି ବାଛନ୍ଦ ହୋଇଯିବ, ହେଲେ ମୋ ପାଖରେ ତ ସେମିତି କିଛି ନୀତି କି ନିୟମ ନଥିଲା । ନାଁ ଥିଲା ପାତର ଅ'ର ନାଁ ଥିଲା ନିଆଁ ପାଣି ବାଛନ୍ଦର ଭୟ, ଚାରିମାସ କାଳ ସିଏ ମୋରି ପାଖରେ ରହିଲା । ହେଲେ କ'ଣ ହେବ ? ଏ ବିଧିର ବିଧାନ ବଡ ବିଚିତ୍ରରେ ତାଳଗଛ । ମଣିଷ ଆମଠୁ କ'ଣ ନ ପାଉଛି କହିଲୁ ଖାଇବାକୁ, ପିନ୍ଧିବାକୁ, ରହିବାକୁ କିଛି ନାଁ କିଛି କାମରେ ଆସିଛୁ ଆମେ ଏ ମଣିଷ ପାଇଁ । ଏତେ ସବୁ ଦାନ କଲାପରେ ବି ମଣିଷକୁ ଆଉ କ'ଣ ଦରକାର ଯେ ସେ ଆମକୁ ମାରି ପକାଉଛି ।'

'ଆଛା ବରଗଛ ଭାଇ ଗାଁରେ ଯେଉଁମାନେ ରହୁଛଁି । ସମସ୍ତଙ୍କ ଘରେ ତ ପ୍ରାୟ ଗୋରୁ ଗାଇ ଅଛଁି ତା'ର ଗୋବରକୁ ଏମାନେ ତ ଜାଳେଣି ରୂପରେ ବ୍ୟବହାର କରୁଛଁି, ଆଉ ଆମର ବନ୍ଧୁମାନେ ଯେଉଁମାନଙ୍କର ବୟସ ହୋଇଗଲାଣି ଆଉ ଯେଉଁମାନେ ମରିଯାଉଛଁି, ସେମାନଙ୍କର ପତ୍ର ଓ କାଠ ନେଇ ବି ସେମାନେ ତାଙ୍କର ରୋଷେଇ ବାସ କରୁଛଁି, ଆମ ଦେହରୁ ଯେଉଁ ଶୁଖିଲା ପତ୍ର ଝଡିଯାଉଛ ତାକୁ ତ ବ୍ୟବହାର କରୁଛଁି । ହେଲେ ସିଏ ଏ କଥା କେବେବି ଭାବୁନାହାଁି କି ବରଗଛ ଭାଇ ଯଦି ଆମେ ରହିବୁ ତା' ହେଲେ ଗାଁ ଗହଳିରେ ଗୋରୁମାନେ ଖାଇବେ କ'ଣ ? ଆମକୁ ଯଦି ସେମାନେ ଏହିପରି ଭାବରେ ମାରିଦେବେ ତା' ହେଲେ ଆମ ବଂଶ ତ ପୁରା ଲୋପ ପାଇଯିବ ଆଉ ସେତେବେଳେ, କମିତି ବଞ୍ଚିବେ ସେମାନେ ?', 'ତୁ ଜାଣିନୁ କି ତାଳଗଛ ଏ ମଣିଷ ଯେତିକି ସ୍ୱାର୍ଥପର ସେତିକି ଚତୁର । ଏ ବିଜ୍ଞାନ ଯୁଗରେ ସିଏ ଖୁବ୍ ଆଗକୁ ବଢିଛି । ନୂଆ ନୂଆ କୌଶଳ ବ୍ୟବହାର କରି କେତେ ଉପକରଣ ସିଏ ବାହାର କଲଣି । ତଥାପି ଏ ମଣିଷ ଆମକୁ ନଷ୍ଟ କରୁଛି ।' 'ହେଲେ ବରଗଛ ଭାଇ ମୁଁ ବୁଝିପାରିଲିନି ତୁମେ ତ କହିଲ କି, ଏ ମଣିଷ ନୂଆ ନୂଆ ଜ୍ଞାନ ସାହାଯ୍ୟରେ କେତେ ଉପକରଣ ବାହାର କଲାଣି ତେବେ ଆମକୁ କାହିଁକି ତା' ହେଲେ ମାରି ଦେଉଛି ।'

'ଏତିକି ବୁଝିପାରିଲନି, ଆଛା, କହିଲୁ ଆମକୁ କାଲି ସକାଳେ ମାରିଦେବେ ଆଉ ଆମର ଛୋଟ ଛୋଟ ବନ୍ଧୁମାନଙ୍କୁ ସବୁଦିନ ପାଇଁ ଏ ମାଟିରେ ମିଶେଇ ଦେବେ କ'ଣ ପାଇଁ ? କାରଣ ଦନେଇ ମଉସାର ସହରୀ ପୁଅ ଏଠି କୁଆଡେ ଗୋଟିଏ କାରଖାନା ଖୋଲିବ ଯହାଦ୍ୱାରା ଆମ ଗାଁର ଲୋକମାନେ ପେଟକୁ ମୁଠାଏ ଦାନା ଓ ଦେହକୁ ଖଣ୍ଡେ କନା ଆଡି ସହଜରେ ପାଇ ପାରିବେ ।' 'କୋଉଠୁ ପାଇବେ, ବରଗଛ ଭାଇ!' 'ଦନେଇ ମଉସାର ସହରୀ ପୁଅ ପରା ଦବ । ମିଛ । ସବୁ ମିଛ । ମଣିଷ ମୂର୍ଖ ହୋଇଗଲାଣି । ବୁଦ୍ଧି ବିବେକ ବୋଲି କିଛି ନାହିଁ । ତୁ କହିବୁ ତ ଟିକିଏ, ଏ ମଣିଷ କାହାଠାରୁ ଖାଦ୍ୟ ପାଉଛି । କାହାଠାରୁ ପିନ୍ଧିବାକୁ ପାଉଛି କାହାଠାରୁ ନିଜର ତୃଷା ମେଣ୍ଟାଉଛି । ଆମମାନଙ୍କ ଠାରୁ ବା ଆମରି ଜାତିଠାରୁ । ଯଦି ଆମେ ନ ରହିବୁ ତା' ହେଲେ କିଏ ଏ ମଣିଷ ଜାତିଙ୍କ ଦୁଃଖ ବୁଝିବ । ବିଧାତା ପରା ତାଙ୍କରି ପାଇଁ ଆମକୁ ଜନ୍ମ ଦେଇଛି । ଯଦି ସିଏ ଆମକୁ ମାରିବେ ତା' ହେଲେ କେମିତି ବଞ୍ଚିବ ତାଙ୍କ ଜୀବନ । ଭାବୁନୁ ଟିକେ ଯଦି ଏ ପୃଥିବୀରେ ଆମେ ରହିବୁନି ତା' ହେଲେ ଏ ପୃଥିବୀର ଅବସ୍ଥା କ'ଣ ହେବ? କେମିତି ବଞ୍ଚିବେ ଏ ଜୀବଜଂ୍ତୁ, କେମିତି ବଞ୍ଚିବେ ଏ ମଣିଷମାନେ ?

କେମିତି ଭଲ ଖାଇବେ କେମିତି ଭଲ ପିନ୍ଧିବେ ? କ'ଣ କାରଖାନା ଗଢି ?' ହଁ ବରଗଛ ଭାଇ ତୁମେ ଠିକ୍ କଥା କହିଛ, 'କାରଖାନା ଗଢି ମଣିଷ ସିନା ଭଲ ରୋଜଗାର କରିବ ହେଲେ ଖାଇବ କ'ଣ ଆମେମାନେ ସିନା ରହିଲେ ସିଏ ଖାଦ୍ୟର ଉପାଦାନ ପାଇବ । ନହେଲେ ଏ ମଣିଷ ଜାତି ଅବସ୍ଥା ବି ଦିନେ ଆମରି ପରି ନିଃଶେଷ ହୋଇଯିବ ଯଦି ସିଏ ବୁଝିବନି ଆମର ମହତ୍ତ୍ୱ କି ଜାଣିବନି ଆମର ମୂଲ୍ୟ । ଆଉ ରହିଲା ଦନେଇ ମଉସା ସହରୀ ପୁଅ କଥା, କେତେ କଷ୍ଟ କେତେ ଦୁଃଖ ସହି ତା'କୁ ମଣିଷ ନ କରିଛି ।

ତା' ପୁଅ ପାଇଁ ସିଏ ଯେତିକି ପରିଶ୍ରମ କରିଛି, ଆମ ପାଇଁ ମଧ୍ୟ ସେତିକି ପରିଶ୍ରମ କରିଛି । ହଁ ବରଗଛ ଭାଇ ମୁଁ କ'ଣ ଜାଣିନି ଆମର ଭଲ ଯତ୍ନ ନେଇପାରୁଥିଲା ବୋଲି ଆମକୁ କେତେ ଶରଧା କରୁଥିଲା ବୋଲି, ତା'କୁ ପରା କ'ଣ ଗୋଟାଏ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଥିଲା ।

ହଁ ଏଇ ଦେଖୁନୁ ପୁଅ ତା'ର କାଲି କୁଆଡେ ଆମ ସମସ୍ତଙ୍କୁ ମାରିଦେବ । ଏ ବଡ କାମ ପାଇଁ ତା' ପୁଅ କୁଆଡେ ସହରକୁ ଯାଇଛି । ଆମରି ଧନ୍ଦାରେ ପରା ତିନିଦିନ ହେବ ଠିକ୍‌ସେ ଖିଆପିଆ ବି କରୁନି । ନ ହେଲେ ତୁ କହୁନୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଏ ଜଙ୍ଗଲଟାକୁ ତା ହାତରେ ଗଢିଥିଲା । କେତେ ମାସ କେତେ ବରଷ ତା'କୁ ନ ଲାଗିଛି । ଆଉ ତା' ପୁଅ ଗୋଟିଏ ମୁହୂର୍ତ୍ତରେ ତା'ର ପରିଶ୍ରମକୁ ମାଟିରେ ମିଶେଇ ଦେବାକୁ ଯାଉଛି । କଷ୍ଟ ହେବନି । ସେଇଥିପାଇଁ ସେ ପୁରସ୍କାରକୁ ମୋରି କୋଳରେ ଥୋଇ ଦେଇ ଯାଇଛି । କହିଲା ତମରିମାନଙ୍କ ସେବା ଯତନ କରି ଆଉ ତମରି ମାନଙ୍କ ଖୁସି ପାଇଁ ତ ଏ ପୁରସ୍କାର ପାଇଥିଲି, ଯଦି ତୁମେମାନେ ନ ରହିବ ତା' ହେଲେ ଏ ପୁରସ୍କାର ମୋର କ'ଣ ହେବ ।' 'ହଁ ବରଗଛ ଭାଇ ତୁମେ ଠିକ୍ କଥା କହିଛ ଦନେଇ ମଉସା ପରି ସତରେ ଖୁବ୍ କମ୍ ଲୋକ ଥିବେ ଏ ଗାଁରେ, ଯେଉଁମାନେ ଆମକୁ ତାଙ୍କର ସଂାନ ପରି ସେହ୍ନ କରଁି । ଆମ ପରିବେଶକୁ ବଞ୍ଚେଇବାକୁ ଚାହାଁି ।' 'ହଁ ତୁ ଠିକ୍ କହିଛୁ ତାଳଗଛ । ଦନେଇ ମଉସା ପରି ବନ୍ଧୁ କ'ଣ ଆଉ ମିଳିବେ ନାଁ ଜୀବନ ବଞ୍ଚିବ । ତେଣିକି ଆମ ଭାଗ୍ୟ ।' 'ଆରେ ବରଗଛ ଭାଇ ଦେଖିଲ ଟିକେ ଦୂରକୁ କିଏ ଗୋଟେ ଦୌଡି ଦୌଡି ଆମରି ଆଡେ ବୋଧେ ଆସୁଛି ।' ଆରେ ହଁ ତ, ଆରେ ଇଏତ ମୋ ବନ୍ଧୁ । ଦନେଇ ମଉସା ।' 'ବରଗଛ ଭାଇ ଦନେଇ ମଉସା କ'ଣ ଭାରି ଖୁସି ଜଣା ପଡୁଛଁି । ହଁ ତ ମୋ ବନ୍ଧୁ ଆଜି ଭାରି ଖୁସି ଜଣାପଡୁଛି । କଥା କ'ଣ ? 'ମୋ ପୁରସ୍କାର ମୁଁ ଫେରେଇ ନେବାକୁ ଆସିଛି ।' 'ଫେରେଇ ନେବାକୁ!' 'ହଁ ଫେରେଇ ନେବାକୁ । କାହିଁକି ଜାଣିଛୁ ?' 'କାହିଁକି ବନ୍ଧୁ ।' 'କାରଣ ତୁମକୁ ଆଉ ସେମାନେ ମାରିବେନି । ତମେ କୁଆଡେ ସବୁ ସରକାରଙ୍କ ହାତରେ । ସରକାରଙ୍କ ଆଦେଶ, ତମକୁ କେହି ବି ହାତ ଦେଇ ପାରିବେନି । ମୋ ପୁଅ ନୁହେଁ ଆଉ ଏ କଥା ବି ସରକାର କହିଛଁି ତମେ ଖାଲି ଏ ପରିବେଶ ର ବନ୍ଧୁ ନୁହେଁ, ଆଜିଠୁ ଏ ଗାଁର ସମସ୍ତଙ୍କର ବନ୍ଧୁ । ଜାଣିଛ ବରଗଛ ଆଉ ତାଳଗଛ ମୋ ପୁଅ ତା' ଭୁଲ ବୁଝିପାରିଛି । ସିଏ ଯେତେବେଳେ ଜାଣିଲା ତା' ବାପା ପରି ତମେମାନେ ବି ତା'କୁ ଖାଇବାକୁ ଦେଇଛି । ପିନ୍ଧିବାକୁ ଦେଇଛ ତା'କୁ ମଣିଷ କରିଛ ଆଉ ସେ ଯେତେବେଳେ ଜାଣିଲା ତମରିମାନଙ୍କ ପାଇଁ ଏ ବୁଢାଟା ବଞ୍ଚିଛି । ଆଉ ତା'କୁ ବି ବଞ୍ଚେଇ ରଖିଛି ବୋଲି ସେତେବେଳେ ସିଏ ତା' ଭୁଲ ବୁଝିପାରିଲା । ଆଉ ସେଇଥିପାଇଁ ପରା ସିଏ ନିଜେ ଆସୁଛି ତମମାନଙ୍କ ପାଖକୁ ଭୁଲ୍ ମାଗିବାକୁ ।' ଦନେଇ ମଉସାଠାରୁ ଏ ସବୁ କଥାଶୁଣି ଆମକୁ ବହୁତ ଖୁସି ଲାଗିଲା । ଧନ୍ୟବାଦ କଲୁ ଆମେ ଦନେଇ ମଉସାକୁ ଆଉ ତା' ପୁଅକୁ । ସେହିଦିନଠୁ ଆମ ଦେହରେ କେହିବି ଆଜିଯାଏ ହାତ ଦେଇନାହାଁି । ମୋ ଦେହରେ କେତେ ନାନା ରଙ୍ଗ ବେରଙ୍ଗର ପକ୍ଷୀ ସବୁ ବସା ବାନ୍ଧିଲେଣି । ଠିକ୍ ପୂର୍ବପରି କେତେ ଗାଈ ଗୋରୁ କେତେ ବାଟୋଇ ମୋ କୋଳରେ ଆଶ୍ରୟ ନେଉଛଁି । ହଁ ବରଗଛ ଭାଇ ମୋତେ ଆଉ ମୋର ଭାଇମାନଙ୍କୁ ଏ ଗାଁ ଲୋକବି ଖୁବ୍ ଭଲପାଉଛଁି । ଠିକ୍ ଦନେଇ ମଉସା ଆଉ ତା'ପୁଅ ପରି । ଏବେ ଏ ଗାଁ ଅନ୍ୟମାନଙ୍କ ଠାରୁ ବହୁତ ସୁନ୍ଦର ଦେଖାଯାଉଛି ନାହିଁରେ ତାଳଗଛ' ହଁ ବରଗଛ ଭାଇ ଏ ସବୁତ ଏହି ଗାଁ ଲୋକଙ୍କ ପାଇଁ ସମ୍ଭବ ହେଲା ।ସେମାନେ ଆଉ ଆମକୁ କାଟୁ ନାହାଁି । ଆମର ଶୁଖିଲା ଡାଳ ଓ ପତ୍ରକୁ କେବଳ ବ୍ୟବହାର କରୁଛଁି । ଏତେ ବଡ ବଡ କୋଠା ହେଲାଣି କିଂୁ ଏ ଗାଁର ପ୍ରତ୍ୟେକ ଲୋକ ଆମକୁ ସେମିତି ଭଲପାଉଛଁି । ତିନିପିଢି ଟପି ଗଲାଣି, ଦନେଇ ମଉସା ବି କେବେଠୁ ଚାଲିଗଲାଣି । ଆମ୍ଭେମାନେବି ବୁଢା ହୋଇଗଲୁଣି । ତମକୁ ବୁଢା ବରଗଛ ଆଉ ମୋତେ ବୁଢା ତାଳଗଛ ବୋଲି ଡାକୁଛଁି । କେତେ ଖୁସି ଲାଗୁଛି । ଏ ଗାଁ ଲୋକମାନଙ୍କ ପରି ଏ ଗାଁ ପିଲାମାନେ ମଧ୍ୟ ଆମକୁ ବେଶ୍ ବୁଝିଗଲେଣି, ଆମେ କେମିତି ଭଲରେ ରହିବା । ଆମ ବଂଶ କେମିତି ଲୋପ ନପାଇବ । ସେ ବିଷୟରେ ମଧ୍ୟ ଜ୍ଞାନ ଆହରଣ କରିବା ସହିତ ବେଶ୍ ସଚେତନ ମଧ୍ୟ ହୋଇଗଲେଣି ।'

'ବର୍ଷକ ବାର ମାସ ଛଅ ଋତୁ । ଆଜି କାଲି କୁଆଡେ କୋଉ ଋତୁ କେତେବେଳେ ଆସୁଛି ସେ ବିଷୟରେ ଜାଣିବା ଖୁବ୍ କଷ୍ଟକର ହୋଇଗଲାଣି । ଆମକୁ ନଷ୍ଟକରିବା ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଏ ଲୋକଗୁଡାଙ୍କୁ । ଆମେ ନ ରହିଲେ ପରିବେଶ ପ୍ରଦୂଷଣ ହେଉଛି । ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛଁି ମଣିଷ ଓ ପଶୁ ପକ୍ଷୀମାନେ । ନୂଆ ନୂଆ ରୋଗର ନିରାକରଣ ପାଇଁ ବିଭିନ୍ନ ଔଷଧୀୟ ବୃକ୍ଷର ମଧ୍ୟ ଆବଶ୍ୟକତା ରହିଛି ।

ଜଙ୍ଗଲ ନଷ୍ଟ ହେବା ଦ୍ୱାରା ମୃର୍ତ୍ତିକା କ୍ଷୟ ହେବାରେ ଲାଗିଛି । ଆମେ ଛାଡୁଥିବା ଅମ୍ଳଜାନ ଗ୍ୟାସ ମଣିଷର ନିଶ୍ୱାସ ପ୍ରଶ୍ୱାସରେ ସହାୟକ ହୋଇଥାଏ । ଯଦି ଆମେ ନରହିବୁ, ତା'ହେଲେ ସିଏ ବଞ୍ଚି ପାରିବ ନାହିଁ । ଇତ୍ୟାଦି ଇତ୍ୟାଦି ।'

'ଯଦି ଏତେ ଉପକାରରେ ଆମେ ଆସୁଛୁ ତଥାପି କାହିଁକି ସେ ଆମକୁ ମାରିଦେଉଛି । ଏ ପ୍ରକୃତିରାଣୀ ପରା ଆଜି ଆମରି ପାଇଁ ହସୁଛି । ଆଉ ତୁମେ କ'ଣ ଚାହୁଁଛ ସିଏ ତା'ଓଠର ହସ ଭୁଲି, ଆଖିରେ ଲୁହ ଆଣୁ ବୋଲି । ତେଣୁ ମୋର ଏତିକି ଅନୁରୋଧ ବନ୍ଧୁ ମୋତେ ଟିକେ ରହିବାକୁ ଦିଅ । ନହେଲେ ତୁମେ କହୁନ ବନ୍ଧୁ ଆମେ କ'ଣ ତୁମ ପାଖରୁ କିଛି ନେଇଯିବା ପାଇଁ ଆସିଛୁ କି ? ବରଂ ଭଗବାନ ତ ଆମକୁ ତୁମରି ମାନଙ୍କ ପାଇଁ ଏ ପୃଥିବୀ ପୃଷ୍ଠକୁ ଛାଡିଛନ୍ତି । ମୋତେ ଦେଖୁନ ମୁଁ ତ ବୁଢା ହେଲିଣି ମୋର ବୟସ ବା ଆଉ କେତେ ମରିଗଲେ ମୁଁ କ'ଣ ତୁମର ହେବିନିଯେ ବଞ୍ଚି ଥାଉ ଥାଉ ମୋତେ ଆଉ ମୋ ଭାଇ ମାନଙ୍କୁ ମାରି ଦେଉଛ । ତମେ ପରା ମଣିଷ ତମକୁ ଭଗବାନ ସେ ଶକ୍ତି ଦେଇଛନ୍ତି ଯେଉଁ ଶକ୍ତି ବଳରେ ଆମ ପରି ନିର୍ବାକ ଉଦ୍ଭିଦ ଓ ଜୀବଜ଼ନ୍ତୁମାନଙ୍କ ଦୁଃଖ ଟିକେ ବୁଝିପାରିବ ବୋଲି ।'

'ହଁ ବରଗଛ ଭାଇ ତୁମେ ଠିକ କହୁଛ ଆମେ ସିନା ବଞ୍ଚିଗଲୁ ହେଲେ ଆମ ଭାଇମାନଙ୍କ ଅବସ୍ଥା କ'ଣ ହେବ ? ଏ ମଣିଷ କ'ଣ ସତରେ ଆମକଥା ରଖିବ ।' 'କାହିଁକି ରଖିବନି ? ଦନେଇ ମଉସା ସହରୀ ପୁଅତ ବଦଳି ପାରିଲା । ଏ ଗାଁ ଲୋକମାନେ ତ ବଦଳି ପାରିଲେ । ତା'ହେଲେ ଆମକୁ ମାରିବାକୁ ଚାହୁଁଥିବା ଲୋକମାନେ ବି କାହିଁକି ବଦଳି ନପାରିବେ । ଯାହା ଦେଖାଇବାର ଥିଲା । ଆଉ ଯାହା କହିବାର ଥିଲା , ତାହା ତ ମୁଁ କହିଦେଇଛି । ଶେଷରେ ମଁ ଏତିକି କହିବି -

ପୃଥିବୀ ପୃଷ୍ଠରୁ ଏ ବୃକ୍ଷଜଗତ
ଅଦୃଶ୍ୟ ହୋଇଲେ ପାଇବ ଅନେକ କଷ୍ଟ
ସୁଝି ପାରିବନି ଆମରି ଋଣ ଯେ
ସେଥିପାଇଁ କେବେ କରନି ଜଙ୍ଗଲ ନଷ୍ଟ

ନିଷ୍ଠୁର ନହୋଇ ପ୍ରକୃତି 'ବଞ୍ଚାଅ
କରିଛୁ ଆମେରେ ଅନେକ ଦାନ
କର ନାହିଁ ଆମ ଅଙ୍ଗ ଛେଦନରେ
କରନା ଆମକୁ ଏତେ ହୀନିମାନ

ମୁଁ ବୁଢା ବରଗଛ କଥା ମୋର ଶୁଣ
ସ୍ୱାର୍ଥହୀନ ଜୀବ ମୁହିଁ ଜଗତେ
ଏତିକି ବୁଢାର ରଖ ନିବେଦନ
ତୁମ ପରିବେଶ ତୁମରି ହାତେ

ବିଦ୍ୟାଧରପୁର, କଟକ

୦୦୦

# ସମୟ ସ୍ରୋତରେ ଜୀବନ

- ଡଃ ବିଭୂଦତ୍ତ ଖଣ୍ଡାୟତରାୟ

ବବ୍ଲୁ ତୁ କେମିତି ଅଛୁ ? କେତେଦିନ ହେଲାଣି ତୁ ତ କାହିଁକି ଆମ ଘର ଆଡେ ଆସୁନୁ ? ତୁ କ'ଣ ଆଉ ବର କୋଳି ଖାଇବୁନି ? ବବ୍ଲୁ ସବୁ ଶୁଣି ମଧ୍ୟ ନ ଶୁଣିଲା ପରି ବାଟ କାଟି ଧିରେ ଧିରେ ଆଗକୁ ପଳାଇ ଯାଉଥାଏ, ମକରାର କଥାରେ । ସିଏ ଯେତେ କହିଲେବି- ଆରେ ମୁଁ ତୋର ମକୁଦାଦା । ତୋତେ ମୁଁ ଏଇ କାନ୍ଧରେ କେତେ ନାଉ କରି ନ ବୁଲେଇଛି । ମୋତେ ଚିହ୍ନିପାରୁନୁ ? ମୁଁ ଘୋଡା ହେଲେ ତୁ ମୋ ପିଠିରେ ବସି ସବୁ ଭାତ ଖାଇ ଦେଉଥିଲୁ, ତୋର ମନେ ନାଇଁକି ? ଆଜି ପୁଣି କ'ଣ ହେଲା ? ତୁ ଏମିତି ମୋଠୁ ଦୂରେଇ ଯାଉଛୁ ? କ'ଣ ବଡ ହୋଇ ତୁ ସ୍କୁଲ୍ ଗଲୁଣି ବୋଲି । ସେଥିପାଇଁ ମୋ ସାଙ୍ଗରେ କଥା ହେବୁନି ? 'ନାହିଁ ମକୁଦାଦା ସେ କଥା ନୁହେଁ ? ମା' କହୁଥିଲେ ତମେ କୁଆଡେ ବାୟା ହୋଇଯାଇଛ । ତମ ମୁଣ୍ଡ କାମ କରୁନି । ସେଥିପାଇଁ ତମ ସାଙ୍ଗରେ କଥା ନ ହେଉନି, ନ ହେଲେ ଆଉ କିଛି ନାହିଁ । ତା' ହେଲେ ତୁ ବି କ'ଣ ସମସ୍ତଙ୍କ ପରି ମୋତେ ମକରାବାୟା ଡାକିବୁ । ଆଜି ସବୁଠି ବାଟରେ ଘାଟରେ ସବୁଆଡେ ମୋର ଚିହ୍ନା ଓ ଅଚିହ୍ନ ଲୋକ ମୋତେ ମକରା ପାଗଳ ବୋଲି ଡାକୁଛନ୍ତି । ତୁ ବି ତୋର ମକାଦାଦାକୁ ମକରା ପାଗଳ ବୋଲି ଡାକିବୁ ।

'ଛୋଟଟେ ହୋଇଥିଲୁ ଏ ଗାଲକୁ ତୁ କେତେ ଚାପୁଡା ନ ମାରିଛୁ ତୋର ସେ କୁନି କୁନି ନଖରେ ଏ ହାତକୁ ମୋର କେତେ ଖଣ୍ଡିଆ କରିଛୁ କେବେ ହେଲେ ପ୍ରତିବାଦ କରିନି କି କଷ୍ଟ ହେଲା ବୋଲି ତୋତେ କେବେ କହିନି । କିନ୍ତୁ ଆଜି । ସେଦିନର ସେ ଚାପୁଡା ଓ କ୍ଷତଠାରୁ ତୋର ଏ ଦାଦାକୁ ପାଗଳ ଡାକଟା ବହୁତ କଷ୍ଟ ଦେଉଛି ।' ନାଇଁ ଦାଦା ମୁଁ ତ ତୁମକୁ କେବେ ପାଗଳ ବୋଲି ଡାକିନାହିଁ । ତମେ ତ ମୋ ଦାଦା । କିଏ ଦାଦା । କାହାର ଦାଦା । ମୁଁ ପାଗଳ । ମକରା ପାଗଳ । ଖାଲି ମକରା ପାଗଳ । ଚାଲିଯା, ଚାଲିଯା ଏଠୁ ଏକଥା ସିଏ ବାରମ୍ବାର ବବ୍ଲୁକୁ କହିଛି । କିନ୍ତୁ ବବୁଲ୍ ଯାଇନି । ମକରା ରାଗିଯାଇଛି । 'ମୋର କେହି ନାହିଁ', କହିଛି । ଚିତ୍କାର କରିଛି । ଖୁବ୍ ଜୋର୍‌ରେ କାନ୍ଦିଛି । ତା' ମକରା ଦାଦାକୁ ଏମିତି ଅବସ୍ଥାରେ ଦେଖି ବବୁଲ୍ ଡରି ଯାଇଛି । ସିଏ କେବେ ତା' ଦାଦାକୁ ଏମିତି ଭାବରେ ଦେଖିନଥିଲା । ମକରାର ଏପରି ଅବସ୍ଥା ଦେଖି ତା'କୁ ଯେତିକି ଭୟ ଲାଗୁଥିଲା, ସେତିକି ଦୁଃଖ ବି ଲାଗୁଥିଲା । ମକରା ଆଖିର ଲୁହକୁ ଦେଖି ବବ୍ଲୁ ଆଖିରେ ବି ଲୁହ ଜକେଇ ଆସିଥିଲା । କିନ୍ତୁ ସେ ତା' ମନରେ ସାହାସ ସଞ୍ଚୟ କଲା । ବହୁଦିନ ଧରି ତା' ଦାଦାକୁ ପଚାରିବାକୁ ଚାହୁଁଥିବା ସେ ପ୍ରଶ୍ନ ବବ୍ଲୁ ସେଦିନ ପଚାରିଛି ଦାଦା ତୁମେ ଯଦି ପାଗଳ ନୁହେଁ, ତାହା ହେଲେ ମୋର ଆଗର ଦାଦାପରି ହେଇଯାଉନ କାହିଁକି ? ତୁମେ ତ ଆଗରୁ ଏମିତି ନ ଥିଲ ? କ'ଣ ହୋଇଛି ତୁମର ? ମନ ହେଲେ କାନ୍ଦୁଛ । ମନ ହେଲେ ହସୁଛ । କାହିଁକି ଦାଦା ? କାହିଁକି ? ବବ୍ଲୁର ଏ ପ୍ରଶ୍ନରେ ମକରା ପୁରାପୁରି ସ୍ତବ୍ଧ ହୋଇଯାଇଛି । ଯେଉଁ ପ୍ରଶ୍ନ ବବ୍ଲୁ ଆଜି ମକରାକୁ ପଚାରିଛି ସେ ପ୍ରଶ୍ନ ତା' ନିଜ ପୁଅ ତା'କୁ କେବେ ବି ପଚାରିନି, କି ଏ ଗାଁର କେହିବି ନୁହେଁ ? କେହିବି ତା'ର ଏ ଆଖିର ଲୁହକୁ ପଢିବାକୁ ଚେଷ୍ଟା କରିନାହାଁନ୍ତି । ହେଲେ ବବ୍ଲୁ, ସିଏ ତ ଖୁବ୍ ଛୋଟ ପିଲା ? ସିଏ କ'ଣ ଜାଣିପାରିଲା ତା'କୁ ? ବୁଝିପାରିଲା ତା' ଭାଷାକୁ ? ସେହି ମୁହୂର୍ତ୍ତରେ ବବ୍ଲୁ ସେ ପଦିଏ କଥାରେ ମକରା ଅନୁଭବ କରିଛି ଏତେ ଦିନ ପରେ କେହି ଜଣେ ତା'ର ନିଜର ହୋଇପାରିଛି ବୋଲି ଖୁବ୍ ତରଳି ଯାଇଛି ମକରା ବବ୍ଲୁର ସେ ମିଠା କଥାରେ । ବବ୍ଲୁକୁ ଧରି ଢେର୍ କାନ୍ଦିଲା, କାନ୍ଦି କାନ୍ଦି ପ୍ରକାଶ କଲା ତା' ହୃଦୟରେ ଲୁଚେଇ ରଖିଥିବା ସେହି ଅତୀତର ଦୁଃଖ ଭରା କାହାଣୀ. ଜାଣିଛୁ ଧ୍ୱଜ । ଲୋକେ ମୋତେ ଶ୍ରଦ୍ଧାରେ ମକରା ବୋଲି ଡାକନ୍ତି । କିନ୍ତୁ ଏବେ ? ଏବେ ମୁଁ ମକରା ପାଗଳ । ସମସ୍ତେ ମୋତେ ଶ୍ରଦ୍ଧାରେ ନୁହେଁ ଆକ୍ଷେପ କରି ଡାକୁଛନ୍ତି । କେହି କେବେ ବୁଝିବାକୁ ଚେଷ୍ଟା କରିନାହାଁନ୍ତି । ମୋର ଏ ପାଗଳାମି କ'ଣ ପାଇଁ ? କେହି କେବେ ମୋତେ ଟିକେ ସ୍ନେହ କରିନାହାଁନ୍ତି ।

କେହି ଆଦର କରିନାହାଁନ୍ତି। କେହି ଟିକେ ତାଙ୍କ ପାଖରେ ବସଉନାହାଁନ୍ତି। ସବୁବେଳେ ମାର୍‌ଧର । ତୁ କହିଲୁ କେହିବି ମୋତେ ସାହାଯ୍ୟ କରୁନାହାଁନ୍ତି କି ଚେଷ୍ଟା ବି କରୁନାହାଁନ୍ତି ମୋତେ ଭଲ କରିବା ପାଇଁ । ବରଂ ପାଗଳ ବୋଲି ଡାକି ନିଜର ବଡ ପଣିଆକୁ ସାର୍ଥକ କରିବାରେ ଲାଗିଛନ୍ତି।

ମୁଁ ମକରା ମୋର ଜନ୍ମ ନାଉଗାଁର ବାଲି ସାହିରେ । ପିଲାଟି ବେଳୁ ମୁଁ ଦାରିଦ୍ର୍ୟର ତାଡନାରେ ଜୀବନ ବଞ୍ଚିବା ଶିଖିଛି । ମୋର ସେଇ ଗୁଡିଆ ଦୋକାନର ଅଳ୍ପ ଆୟରେ ମୁଁ ଚଲଉଥିଲି ମୋର ଛୋଟିଆ ସଂସାର । ତୋ ଖୁଡୀ ଆଉ ବିଜୁଭାଇ ସେତେବେଳକୁ ଛ' କି ସାତ ବର୍ଷର ପିଲାଟି । ଏଇ ଦୁଇଜଣଙ୍କୁ ନେଇ ମୋର ଥିଲା ପରିବାର । ଖୁବ୍ ଖୁସିରେ ଥିଲୁ ଆମେ । କିନ୍ତୁ ସେଦିନର ସେ ରାତ୍ରିର ଅନ୍ଧକାର ସେ ଭୟଙ୍କର ଚିତ୍କାର ଆଜି ବି ମୋର ଏ କାନ ପାଖରେ ଗୁଣୁ ଗୁଣୁ ହେଉଛି । ଯାହାର ବେଦନା ଶୁଣି ଏ ଛାତି ଭିତରର କଲିଜା ଖଣ୍ଡ ଖଣ୍ଡ ହେଲା ପରି ଲାଗୁଛି । ମକରାର କଥାକୁ କିଛି ଭି ବିଝିପାରୁନଥିଲା ବବ୍‌ଲୁ । କିନ୍ତୁ ବେଶ୍ ଉତ୍କଣ୍ଠାରେ ଶୁଣୁଥିଲ । ତା' ଦାଦା ମକରାର କଥାକୁ । ଆଉ ପଚାରୁଥିଲା ପ୍ରଶ୍ନ ପରେ ପ୍ରଶ୍ନ । ଦାଦା କେଉଁ ଅନ୍ଧାର ? କାହାର ଚିତ୍କାର ? ତୁମେ ଯାହା କହୁଛ ମୁଁ କିଛି ବୁଝିପାରୁନି । ବୁଝିପାରିବୁ ସବୁ ବିଝିପାରିବୁ । ମୁଁ ବି ପ୍ରଥମେ ପ୍ରଥମେ କିଛି ବୁଝିପାରିନଥିଲି । କିନ୍ତୁ ଏବେ ? ଏବେ ମୁଁ ସମସ୍ତଙ୍କୁ ବୁଝିଛି ସମସ୍ତଙ୍କୁ ଚିହ୍ନିସାରିଛି । କାକାକୁ ବୁଝିବାର କି ଚିହ୍ନିବାର ବାକିନାହିଁ ବବ୍‌ଲୁ ଆଗରେ ଏଇତକ କହି ପୁଣି ମକରା କାନ୍ଦି ପକେଇଲା ।

'ଦାଦା ତୁମେ ପୁଣି କାନ୍ଦିଲ । କୁହନା ସେ ଅନ୍ଧକାରରେ ତୁମେ କାହାର ଚିତ୍କାର ଆଜି ବି ଶୁଣିପାରୁଛ ? କାହାର କୋଉ ଅନ୍ଧକାର',ସ ବବ୍‌ଲୁ ପଚାରିଲା ।

'ସେ ଅନ୍ଧକାର ଆଉ କାହା ଜୀବନରେ ନୁହେଁ ସେଦିନ ମୋ ଜୀବନରେ ଆସିଥିଲା । ସେ ଚିତ୍କାର ଆଉ କାହାର ନଥିଲା । ତୋ' ମୀନା ଖୁଡୀର ଥିଲା । ମୋ' ପୁଅ ଛଅ କି ସାତ ବର୍ଷର କଅଁଳା ଶିଶୁଟିର ଥିଲା । ହେଲେ ସେମାନେ କ'ଣ ଶୁଣିଲେ କେହିବି ଶୁଣିଲେନି । ଯେଉଁ ମଣିଷକୁ ମୁଁ ବିଶ୍ୱାସ କଲି ବନ୍ଧୁ ବୋଲି ଭାବିଥିଲି । ସେହି ମାନେ ହିଁ ମୋ ବିଶ୍ୱାସରେ ବିଷ ଦେଇ ଦେଲେ । ଛାଡିଲେନି ମୋ ରୋଗିଣା ସ୍ତ୍ରୀକୁ ଶୁଣିପାରିଲେନି ନିଷ୍ପାପ ଶିଶୁଟିର କ୍ରନ୍ଦନ ସ୍ୱର । କେତେ ନେହୁରା ନ ହେଇଛି କିନ୍ତୁ ଶୁଣିଲେନି । ଗୋଟି ଗୋଟି କରି ତିନିଜଣ ଯାକ ମଣିଷରୁ ସେଦିନ ପଶୁ ପାଲଟି ଗଲେ । ଖାଲି ପଶୁ ନୁହେଁ ତ ସେମାନେ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ଅମାନବିକ ଓ ଖୁବ୍ ଭୟଙ୍କର ନରରୂପୀ ପିଶାଚ ଭଳି ଦେଖାଯାଉଥିଲେ ସେଦିନ ମୋରି ଆଖି ସାମ୍ନାରେ ମୋ ରୋଗିଣା ସ୍ତ୍ରୀକୁ ସେମାନେ ଶାରିରୀକ ନିର୍ଯ୍ୟାତନା ଦେଇ ଚାଲିଲେ ଶୋଷି ଚାଲିଲେ ତା'ର ପ୍ରତ୍ୟେକ ଲହୁକୁ । ସବୁଦେଖି ସବୁଶୁଣି ମଧ ମୁଁ ନିରୁପାୟ । ସେମାନେ ଶୁଣିପାରୁନଥାନ୍ତି ମୋ ପିଲାଟାର ବିକଳ ଚିତ୍କାର ଆଉ ମୋର ବିନମ୍ର ଅନୁରୋଧ । କିଛି ସମୟରେ ସବୁକିଛି ନିସ୍ତବ୍ଧ ହୋଇଗଲା । ଯେମିତି ଲାଗୁଥିଲା ରାତ୍ରିର ଅନ୍ଧକାରରେ ଆସିଥିବା ସେ ଅକସ୍ମାତ ଝଡ଼ଟି କେବଳ ମୋରି ଘର ଭାଙ୍ଗିବା ପାଇଁ ଆସିଥିଲାରେ ବବୁଲ୍ । ସବୁକିଛି ମୋର ମାଟିରେ ମିଶେଇ ଦେଇ ରାତି ନପାହୁଣୁ ଚାଲିଗଲାରେ ।'

ନିଶ୍ଚିତ ଭୟାଲୁ କିମ୍ବା କାପୁରୁଷ ହୋଇଥିବେ । ନହେଲେ କ'ଣ ସେଇ ଅନ୍ଧକାରରେ ଆସି ଅନ୍ଧକାରରେ ଉଭେଇ ଯାଇଥା'ନ୍ତେ।

ରାତି ଯାଇ ସକାଳ ହେଲା ସମସ୍ତେ ନୀରବ । କେହି ହେଲେ କିଛି ବି ଜାଣିପାରିଲେନି କ'ଣ ଘଟିଗଲା ମୋ' ଜୀବନରେ ପୁରାପୁରି ନିସ୍ତବ୍ଧ ପାଲଟି ଯାଇଥିବା ମୋ' ସଂଜ୍ଞାହୀନ ସ୍ତ୍ରୀକୁ ଆଉ ମୋତେ ବଜାରର କିଛି ଲୋକ ସେଦିନ ମେଡିକାଲ ନେଇ ଆସିଲେ । ମେଡିକାଲରେ ତୋ ଖୁଡୀ ଅନେକ କିଛି କହିବାକୁ ଚାହୁଁଥିଲା । କିଁ କିଛି କହିବା ପୂର୍ବରୁ ହିଁ ଉପରୁ ଚାଲିଗଲା । ବହୁତ ଦୁରକୁ ଚାଲିଗଲାରେ । ମୋତେ ଏକୁଟିଆ କରି ସବୁଦିନ ପାଇଁ ଚାଲିଗଲା । ସେମାନେ ତା'କୁ ମାରିଦେଲେ ମୁଁ ସେମାନଙ୍କର କିଛି ଭି କରିପାରିଲିନି କି ତୋ ଖୁଡୀକୁ ବଞ୍ଚାଇ ପାରିଲି ନାହିଁ ।

ଖୁସିରେ କଟେଇଥିବା ମୋ ପରିବାର ସହିତ ସେ ଦିନଗୁଡାକ ମନେ ପଡିଗଲେ ମୁଁ ହସେ । ମୋ' ବିଜୁ ମୋ'ଠୁ ଅଲଗା ହୋଇଯାଇଛି । ମୋ ସ୍ତ୍ରୀ ମୋତେ ଛାଡି ସବୁଦିନ ପାଇଁ ଚାଲିଯାଇଛି । ସେ ରାତିର ଗର୍ଜନ ଆଉ ଚିତ୍କାର ମନେ ପଡିଗଲେ ମୋତେ ବହୁତ କଷ୍ଟ ହୁଏରେ । ଏ ସବୁରୁ ମୁଁ ମୁକ୍ତ ହେବାକୁ ଚାହେଁ । ବବ୍‌ଲୁ ! ମୁକ୍ତ ମୁଁ ହେବାକୁ ଚାହେଁ । କିନ୍ତୁ ଭୁଲିପାରେନି, ମନେ ମନେ ଖୁବ୍ କାନ୍ଦେ, ଚିତ୍କାର କରେ କିନ୍ତୁ କେହିବି ବୁଝିପାରନ୍ତି ନାହିଁ ।

ସେହି ଦିନଠାରୁ ମୁଁ ହେଲି ପାଗଳ । ମୋତେ ମୋ ପୁଅ ପାଖକୁ ଯିବା ମନା । ତା' ସହିତ କଥା ହେବା ମନା । ଏବେ ସିନା ସିଏ ବାହା ହୋଇ ଘର ସଂସାର କଲାଣି କିଂ ଯେତେବେଳେ ସିଏ ଛୋଟଟେ ଥିଲା । ମା'କୁ ନ ପାଇ କାନ୍ଦୁଥିଲା । ସେତେବେଳେ କେତେଥର ଇଛା ହେଉଛି ତା'କୁ ଟିକେ ଛାତିରେ ଧରି ଗେଲ କରିବାକୁ କିନ୍ତୁ ଦିଆହୋଇନି ମୋତେ ସେ ଅଧିକାର କି ସୁଯୋଗ । ତୁ କହ ବବୁଲ୍ ମୁଁ ତା'ର ବାପା । ମୋର କ'ଣ ସେ ଅଧିକାର ନାହିଁ ? ହଁ ଅଛି । କିନ୍ତୁ ଏ ଲୋକମାନେ କହିଲେ ମୁଁ କୁଆଡେ ତା'ର ବାପା ନୁହେଁ । ମୁଁ ଗୋଟେ ପାଗଳ । ମୋ ସାଙ୍ଗରେ ରହିଲେ ସିଏ କୁଆଡେ ପାଗଳ ହୋଇଯିବ । ତେଣୁ ସେହି ଦିନଠାରୁ ମିନାକ୍ଷୀ ତା'କୁ ତା' ପାଖରେ ରଖିଲା । ତା'ଭଲ ମନ୍ଦ ସବୁ ସେ ହିଁ ବୁଝିଲା ।

ମୋ ଜୀବନ ଆଉ ଘରର ଚାରିକାନ୍ଥ ଭିତରେ ରହିଲା ନାହିଁ । ରହିଲା ରାସ୍ତା କଡରେ ପାଖ ବଜାରରେ, ଅଇଁଠା ପତ୍ର ସ୍ଥାନରେ ଆଉ ବେଳେ ବେଳେ ଗୁହାଳ ଭିତରେ । ସବୁବେଳେ ଲୁହାର ଶିକୁଳିରେ ଏହି ହାତ ଗୋଡ ମୋର ବନ୍ଧା । ଭାରି କଷ୍ଟ ହଉଛିରେ ଗୋଡରେ ମଶାଟିଏ କି ମାଛିଟିଏ ବସିଲେ ଏହାତ ଯାଇପାରୁନି କି ହାତରେ ଖଣ୍ଡିଆଟିଏ ହୋଇଗଲେ, ତା'କୁ ମଲମ ଲଗେଇ ପାରୁନି । କେହି ହେଲେ ବି ମୋ ହାତକୁ ସାହାସ କରି ଖାଇବା ଟିକେ ଦଉନାହାଁନ୍ତି । ମୋ ହାତ ବହୁତ ଆସନା, ମୋତେ ଟିକେ ଖୁଆଇ ବି ଦଉନାହାଁନ୍ତି । ଖାଇବା ଦେବାର ଯଦି ଇଛା ନାହିଁ ନ ଦିଅ, ଏ ବୁଢାଟା ନଖାଇ ନପିଇ ଯେତେ ଜଲ୍‌ଦି ମିରବ ସେତେ ଜଲ୍‌ଦି ତମ ରାସ୍ତାରୁ ଗୋଟେ କଣ୍ଟା ଯିବ । ଏଠି ସେଠି ଖାଇବାକୁ କାହିଁ ଫୋପାଡି କି ଦଉଛ ଯେ, କେମିତି ଖାଇବି ? ଆସନା ଲାଗିବନି ? ତମେ କ'ଣ ପତ୍ରଟିଏ ନ ପକେଇଲେ କି ଥାଳିଟିଏ ନ ଥୋଇଲେ ଖାଇବା ଖାଉଛ ? ତା' ହେଲେ ମୋତେ ତୁମେ କାହିଁକି ଏମିତି କରୁଛ ? ମୁଁ ତ ତମକୁ କେବେ ମାଡ ମାରିନି କି ଟେକା ପକେଇନି । ମୋତେ ତୁମେ କାହିଁକି ମାରୁଛ ? ମୋତେ କାହିଁ ଟେକା ପକାଉଛ । ଦେଖି ବବ୍‌ଲୁ ମୋ ଦେହ ସାରା କେତେ ଖଣ୍ଡିଆ, ପୋକ ବସିଲେଣି । ମୋତେ କଷ୍ଟ ହେଉଛି ହେଲେ କେହି ମୋତେ ଟିକେ ଅନଉ ନାହାଁନ୍ତି କି ଆଦର କରୁ ନାହାଁନ୍ତି । ତୋ ଦେହରେ ଯେତେବେଳେ ଖଣ୍ଡିଆ ହୋଇଯାଏ ତୋତେ ତୋ ମା' ମଲମ ଲଗେଇ ଦିଅନ୍ତି । ତୋ ଆଖିରୁ ଲୁହ୍ ଝରିଲେ ତାଙ୍କ ପଣତରେ ତୋ ଲୁହକୁ ପୋଛି ଦିଅନ୍ତି । ହେଲେ ମୋତେ, ମୋତେ ଯେତେବେଳେ କଷ୍ଟ କି ଯନ୍ତ୍ରଣା ହୁଏ ମୁଁ ନ ସହିପାରିଲେ ବହୁତ କାନ୍ଦେ । ମୋ ଲୁହ ପୋଛିବା ତ ଦୂର କଥା ମୋ ପାଖକୁ ବି କେହି ଆସନ୍ତିନାହିଁ ଏ ଲୋକମାନେ ମୋତେ ଦେଖି ଖାଲି ଠୋ ଠୋ ହୋଇ ହସନ୍ତି । ମୋ କଥାକୁ ପରିହାସ କରନ୍ତି । ପୁଅ ବଡହୋଇ ଘର କଲାଣି । ମୋତେ ଘର ଭିତରକୁ ଯିବା ମନା । ବାରଣ୍ଡାରେ ଯଦି ଟିକେ ବସିଥାଏ ମୋ ବୋହୂ ମୋତେ ଖୁବ୍ ମାରେ । ପୁଅ କିଛି ଭି କହେନାହିଁ । ବାରମ୍ବାର ମୋତେ ଯା' ଯା' କହି ଘଉଡାଇଦିଏ । ଭୋକରେ ବିକଳ ହୋଇ ମୁଁ ଯେତେବେଳେ ଖାଇବା ମାଗେ ସେତେବେଳେ କିଏ ଫୋପାଡେ ଶୁଖିଲା ରୁଟି, ତ କିଏ ଦିଏ ପିଠିରେ ଲାଠି । ଏମିତି ଗଡିଚାଲିଛି ମୋ ଜୀବନ' ମକରା ପାଖରୁ ଏସବୁ ଶୁଣି ବବୁଲ୍ ବୁଝିପାରିଛି ତା' ମକରା ଦାଦାର ଭାଷାକୁ ଅନୁଭବ କରିଛି ତା' ହୃଦୟର ସେ ବ୍ୟଥାକୁ । ବବୁଲ୍ କାନ୍ଦି ପକାଇଛି ଖୁବ୍ ଜୋର୍‌ରେ । ଦାଦାକୁ ବୁଝେଇଛି । 'ଏଥର ତୁମକୁ କେହିବି ପାଟିକରିବେନି । କେହିବି ମାରିବେନି । ତୁମେ ପାଗଳ ନୁହେଁ ଦାଦା, ତୁମେ ପାଗଳ ନୁହେଁ, ତୁମେ ମଣିଷ ମୁଁ ତୁମର ଯତ୍ନ ନେବି, ମୋ ବୋଉକୁ ମୁଁ ବୁଝେଇବି । ତୁମେ ମୋର ସେଇ ମକରା ଦାଦା । ତୁମର ମଧ ବଞ୍ଚିବାର ଅଧିକାର ଅଛି । ଆମେ ଯେମିତି ବଞ୍ଚିଛୁ । ତୁମେ ବି ସେମିତି ବଞ୍ଚିବ । ହଁ ହଁ ମୁଁ ସମସ୍ତଙ୍କୁ କହିବି ତୁମେ ପାଗଳ ନୁହେଁ । ତୁମେ ଆମ ମକୁଦାଦା । ବିଜୁଭାଇଙ୍କର ବାପା ।' ଏ କଥା ସିଏ ସମସ୍ତଙ୍କୁ କହିଛି । ତା' ପାଟିରୁ ଏସବୁ ଶୁଣି ସେହି ମୁହୂର୍ତ୍ତରେ ମକରା ଅନୁଭବ କରିଛି ସିଏ ସୁସ୍ଥ, ମନରେ ପାଇଛି ଖୁବ୍ ଆନନ୍ଦ, ଅନେକ ଆଶା କରିଛି । ନୂତନ ପ୍ରଭାତର ସୁନେଲୀ କିରଣକୁ ବବ୍‌ଲୁ ତ ବୁଝିଗଲା ମକରା ପାଗଳର ଭାଷାକୁ । ଖାଲି କ'ଣ ମକର, ସମାଜରେ ଏଇ ଭଳି ଅନେକ ଚରିତ୍ର ଅଛନ୍ତି. ସେମାନଙ୍କୁ ବଞ୍ଚିବାକୁ ଦିଅ । ସେମାନଙ୍କ ଭାଷାକୁ ବୁଝିବାକୁ ଚେଷ୍ଟାକର ଯେମିତି ବବୁଲ୍ ଆଗେଇ ଆସିଛି ନ ହେଲେ ମକରା ପରି ସମସ୍ତେ ଚାହିଁଥିବେ ଏକ ନୂତନ ସକାଳକୁ । ସିଏ ଜାଣିନାହାଁନ୍ତି । ସେ ସକାଳ ତାଙ୍କ ଜୀବନରେ ଆସିବ କି ନାହିଁ ।

ନିଳାଦ୍ରି ବିହାର, ନୂଆବଜାର, କଟକ

୦୦୦

# ମୋନାଲିସା

- ବିଜୟ କୁମାର ସାହୁ

ଡାକ ନାମ ଥିଲା ତାର ମୋନା । ଅନେକ ବର୍ଷ ହେଲାଣି ଶୁଆଟି ସେମିତି ଖେଳୁଛି- ବୁଲୁଛି, ଖାଉଛି, ପିଉଛି ସେହି ପିଞ୍ଜରା ଭିତରେ । ସେହି ତାର ଦୁନିଆଁ- ସେହି ତାର ସବୁକିଛି । ଘରକୁ କେହି ଜଣେ ମଣିଷ କି' ପଶୁପକ୍ଷୀ ପଶି ଆସିଲେ କିଏ- କିଏ କହି ଘରସାରା ଚହଳ ପକାଇଦିଏ ମୋନା । ହରେ ରାମ ହରେ ରାମ ଠାରୁ ଆରମ୍ଭ କରି ରାମ ନାମ ସତ୍ୟ ହେ ପର୍ଯ୍ୟନ୍ତ ଆଉ "କେଶବ ଧୃତ ନରହରି ରୂପ" ଏବଂ "ଅ" ଠାରୁ କ୍ଷ ଆଉ ଏକକ ପଣିକିଆ ଠାରୁ ଆରମ୍ଭ କରି ପଚିଶି ପଣିକିଆ ପର୍ଯ୍ୟନ୍ତ ଅନର୍ଗଳ ଗାଇ ଚାଲେ ପିଞ୍ଜରା ଭିତରେ ଶୁଆଟି । ସମସ୍ତଙ୍କ ମଧ୍ୟରେ ଘରର ଦ୍ୱାର ମୁହଁରେ ସେ ଜଣେ ହୋଇ ପିଞ୍ଜରା ଭିତରେ ଏପଟ ସେପଟ ହେଉଥାଏ । ଘରର ପୋଷା ବିଲେଇଟି ଜୁଲୁଜୁଲୁ ଚାହିଁ ଏବେ ଦୋସ୍ତ ହୋଇ ସାରିଛି ତାର । ତା' ସାଙ୍ଗେ ଲୁଚକାଳି ଖେଳି ମିଛି ମିଛିକା ତା' ଲାଞ୍ଜକୁ ଟାଣୁଛି । ବେଶୀ ଜୋର୍‌ରେ ଟାଣି ଧରିଲେ ମାଆ- ମାଆ ବୋଲି ଡାକ ପକାଉଛି ମୋନା । ଡାକ ଶୁଣି ସମସ୍ତେ ଦୌଡ଼ି ଆସି ବିଲେଇକୁ ଗାଳି ଦିଅନ୍ତି । ମୁହଁ ତଳକୁ କରି ସେ ଲୁଚିବାକୁ ଦୌଡ଼ି ପଳାଏ । ଚଳଚଞ୍ଚଳ ପରିବାରରେ ମୋନା ମଣିଷ ଭଳି ଚଳୁଥାଏ । ଘରେ କୌଣସି ଅପରିଚିତ ମଣିଷକୁ ପୁରାଇଦିଏ ନାହିଁ ସେ । ଘରେ ପଶୁ ପଶୁ ବୁଢ଼ାଠାରୁ ଛୋଟ ପର୍ଯ୍ୟନ୍ତ ତା' ସହିତ ଗେଲ ନ ହୋଇ ଘରେ ପଶନ୍ତି ନାହିଁ । ଏଇ ସେହି ମୋନା ଯିଏ ଗୋଟିଏ ଫଳ ଆସିଲେ ବି' ସେଥିରେ ଭାଗିଦାର୍ ହୁଏ ।

ନିଘି ନିଘିଆ ଖରାବେଳ ହୋଇଥାଏ ସେଦିନ । କବାଟ କିଳି ପଶି ଆସିଲେ ଘରକୁ ଜଣେ ଅଶୀ ବର୍ଷର ବୃଦ୍ଧା ଥୁରୁ ଥୁରୁ ଦେହରେ ଧୋତି ଆଉ ପଞ୍ଜାବୀ ଝାଳରେ ଭିଜି ଯାଇଥାଏ । ସାତ ଆଠ ବାଉଁଶ ଗଣ୍ଠିଆ ବାଡ଼ିର ଠକ୍ ଠକ୍ ଶବ୍ଦରେ ମୋନାର ନିଦ ଭାଙ୍ଗିଗଲା । ସେ ଚମକି ପଡ଼ିଲା ଆଉ ଚାହିଁ ରହିଲା କବାଟ ଆଡ଼କୁ । ଠକ୍ ଠକ୍ ଶବ୍ଦ ଯେତିକି ପାଖେଇ ଆସିଲା ସେତିକି ମୋନା ଚମକି ଉଠୁଥାଏ ପିଞ୍ଜରା ଭିତରେ । ତା'ର ଥଣ୍ଟ, ମୁହଁ, ଆଖି, ଲାଞ୍ଜ ଯେମିତି ଥରି ଉଠୁଥାଏ । ମୋନା କିଏ- କିଏ କହି ଚିତ୍କାର କରି ଉଠିଲା । ଘରର ସବୁଲୋକ ଘରଭିତରୁ ବାହାରି ଆସିଲେ । ଘରର ମାଆ ମୁଣ୍ଡିଆ ମାରିଲେ ବୃଦ୍ଧାଙ୍କ ପାଦ ତଳେ । କୋଳରୁ ପାଞ୍ଚବର୍ଷର ଝିଅ "ଲିସା"କୁ ଟେକି ନେଇ ତା' ଗାଲରେ କେତେ ଚୁମ୍ବନ ଆଙ୍କି ଦେଲେ । କେତେ ଗେଲ ଆଉ ଆଦରରେ ନାତୁଣୀକୁ ପୋତି ପକାଇଲେ । ପିଞ୍ଜରା ଭିତରେ ମୋନା ଏପଟ ସେପଟ ହୋଇ ଆଖି ମିଟିମିଟି କରି ଚାହିଁଥାଏ । କେତେବେଳେ ମୁଣ୍ଡ ଟେକି ଆଖି ଟେରେଇ ପିଞ୍ଜରା ବାଡ଼ରେ ଥଣ୍ଟ ଘଷୁଥାଏ । ଯେମିତି ସେ କିଛି କହିବାକୁ ଚାହୁଁଛି । ଅଜା ନାତୁଣୀ ଗେଲବେଳେ ହଠାତ୍ ନାତୁଣୀର ମୁହଁ ଶୁଖିଗଲା । ଅଜା ପଚାରିଲେ ଆରେ ଲିସା: ତୁ କ'ଣ ଅଜାକୁ ଦେଖି ଖୁସି ନୁହେଁ ? ଲିସା କହିଲା ହଁ- ଯେ ଅଜା । ତୁମ ଆଦର ଦେଖି ଏଇ ମୋନା ଆମର ଭାରି ଦୁଃଖୀ କେମିତି ଦେଖୁନ ଅଜା ତୁମର ମୋତେ ଏତେ ଆଦର ଦେଖି ସେ ମୋତେ ଚାହୁଁଛି । ଅଜାଙ୍କ କୋଳରୁ ଓହ୍ଲେଇ ପଡ଼ି ଲିସା ପିଞ୍ଜରା ଭିତରେ ହାତ ପୁରେଇ ଆଦର କରି ମୋନା ଥଣ୍ଟରେ ଚୁମ୍ବନ ଦେଲା । ଖୁସିରେ ମୋନା ପିଞ୍ଜରା ଭିତରେ ନାଚି ଗାଇ ଉଠିଲା "ମାଇ ବେଷ୍ଟ ଫ୍ରେଣ୍ଡ୍ ଲିସା । ଦେଖୁଛ ଅଜା କେତେ ଖୁସିରେ ଲାଞ୍ଜ, ଥଣ୍ଟ ହଲେଇ ମୋନା କେମିତି ନାଚୁଛି ଦେଖ । ଏକ ଲୟରେ ଚାହିଁଥାନ୍ତି ବୃଦ୍ଧ ।

ଗୋଡ଼ ଧୋଇବାକୁ ପାଣି ଢାଳ ଆଉ ଗାମୁଛା ଦେଲେଣି- ତଥାପି ବୃଦ୍ଧଙ୍କର ନଜର ନାହିଁ । ନଜର

କେବଳ ସେହି ମଣିଷ ଭଳିଆ ଯେଉଁ ପକ୍ଷୀଟି ଆଦର ପାଇ ପିଞ୍ଜରା ଭିତରେ ନାଚୁଛି । ଆଜି ମଣିଷ ତ' ଏତେ ଖୁସି ନାହିଁ । ଅନେକ ସମୟ ଧରି ଚାହିଁ ରହିଲେ ଅଜା ବିସ୍ମୟ ଆଖିରେ । ମୁହଁର ଝାଳ ଗାମୁଛାରେ ପୋଛୁ ପୋଛୁ ହଠାତ୍ ଚଡ଼ା ଗଳାରେ କହିଲେ ଏତେ ସୁନ୍ଦର ପକ୍ଷୀକୁ ତୁମେ ପିଞ୍ଜରା ଭିତରେ ବାନ୍ଧି ରଖିଛ କାହିଁକି ? ପୁଣି ତାଲା ପକାଇ ତାକୁ କଏଦୀ ସଜେଇ ଦେଇଛ ! କି ନିଷ୍ଠୁର ତୁମେମାନେ ସତେ ! ସ୍ୱାଧୀନ ଭାରତରେ ତୁମେ ସବୁ ସ୍ୱାଧୀନ ଭାବରେ ଖାଇପିଇ ବୁଲୁଛ ଅଥଚ ଏଇ ନିରୀହ ପକ୍ଷିଟିକୁ ବନ୍ଦୀକରି ରଖିଛ ! ଖୋଲ ପିଞ୍ଜରାର ତାଲା । ନିଜ ହାତରେ ଖୋଲି ପିଞ୍ଜରାର ଦ୍ୱାର ଖୋଲି ଦେଲେ ବୃଦ୍ଧ ଜଣକ ।

ପିଞ୍ଜରାର ଦ୍ୱାର ଖୋଲା ରହିଲା । ଶୁଆଟି ପିଞ୍ଜରାର ଏକ କୋଣରେ ରହି ଚାହିଁଥାଏ ଆଖି ମିଟି ମିଟି କରି ବୃଦ୍ଧ କହିଲେ- ଆରେ ତୁ ବାହାରକୁ ଯାଆ । ଯାଉନୁ ମୋନା ? ଇତସ୍ତତ ହୋଇପଡ଼ିଲା ମୋନା । କିଛି ସମୟ ପରେ ଧୀରେ ଧୀରେ ଦ୍ୱାର ପାଖକୁ ଆସି ସେମିତି ବସି ଚାରିଆଡ଼କୁ ଚାହିଁଲା । ହଠାତ୍ ଉଡ଼ି ଆସି ମାଆଙ୍କ କାନ୍ଧରେ ବସି ତାଙ୍କ ମୁହଁକୁ ଚାହିଁ ରହିଲା । ମାଆ କହିଲେ- ମୋନା ! ତୁ ଆଜି ମୁକ୍ତ ଆକାଶକୁ ଫେରିଯାଆ । ତୁ ଶାନ୍ତିରେ ଖେଳି ବୁଲିବୁ ଯାଆ । କିଛି ଜବାବ ନ ଦେଇ ଫୁର୍ର କରି ଉଡ଼ିଆସି ଲିସା ବାପାଙ୍କ କାନ୍ଧରେ ବସି ତାଙ୍କ ମୁହଁକୁ ଚାହିଁ ରହିଲା ଅନେକ ସମୟ ଧରି । ଲିସାର ବାପା କହିଲେ- ଚାହିଁଛୁ କ'ଣ ! ସମସ୍ତେ କହୁଛନ୍ତି- ତୁ ଆକାଶର ପକ୍ଷୀ, ଆକାଶକୁ ଉଡ଼ିଯାଆ । ଆମ ପାଖରୁ ତୁ ମୁକ୍ତି ପାଇ ଯାଆ । କିଛି ବୁଝି ନ ପାରିବା ଭଳି ମୁଣ୍ଡ ହଲେଇ ବସିରହିଲା ମୋନା । ହଠାତ୍ ଫୁର୍ କରି ଉଡ଼ି ଆସି ବସିଲା ଲିସାର କାନ୍ଧ ଉପରେ । ନାଲି ଥଣ୍ଟରେ ତାର ଓଠକୁ ଲଗେଇ ଆଖି ଦୁଇଟିକୁ ଚାହିଁ ରହିଲା ମୋନା । ସେ ଆଖିରେ ଦେଖିଲା ଦୀର୍ଘ ପାଞ୍ଚ ଛଅ ବର୍ଷର ଢ଼ଳ ଢ଼ଳ ଲୁହ ସତେ ଯେମିତି ବନ୍ଧ ମଧ୍ୟରେ ଅଟକି ରହିଛି । ହଠାତ୍ ଥପ୍ କରି ତା' ମୁଣ୍ଡରେ ଦୁଇ ବୁନ୍ଦା ଝରି ପଡ଼ିଲା । ଲୁହ ପୋଛି ଆଉ ଗେଲ କରି ଲିସା କହିଲା- ତୁ ଯାଆ ମୋନା । ତୋତେ ବାନ୍ଧି ରଖି ଆମେ ଭୁଲ କରିଛୁ । ତୁ ନୀଳ ଆକାଶରେ ଖୁସିରେ ଉଡ଼ି ବୁଲି ପାଚିଲା ଫୁଲ ଫଳ ଖାଇବୁ । କେତେ ରଙ୍ଗର ଫୁଲ ଗଛରେ ବସି ଦୋଳି ଖେଳିବୁ । ତୁ ଉଡ଼ି ଯାଆ ସୁଲୁ ସୁଲୁ ଫଗୁଣ ପବନରେ ତୋ' ଆଖିରେ ନିଦ ଆସିଯିବରେ । ନୂଆ ସାଥୀ ପାଇଲେ ତୁ ସବୁ ଭୁଲିଯିବୁ । ତୁ ପକ୍ଷୀ, ପକ୍ଷୀଙ୍କ ମେଳରେ ରହିବୁ ଯାଆ । ଶାନ୍ତିରେ ରହିବୁ ଆଜିଠୁ । ଯାଆ- ଉଡ଼ିଯା' ।

ଅନେକ ସମୟ ଇଆଡ଼େ ସିଆଡ଼େ ଚାହିଁ ରହିଲା ଶୁଆଟି । ଫୁର୍ର କରି ଉଡ଼ି ବସିଲା ପାଖ ଗୋଲାପ ଗଛରେ । ପାଦରେ କଣ୍ଟାଟିଏ ଫୁଟିଗଲା କେମିତି । ଗୋଟିଏ ଗୋଡ଼ରେ ଠିଆ ହୋଇ ପାରିଲା ନାହିଁ ସେ । ଗୋଲାପ ଗଛରୁ ଉଡ଼ି ବସିଗଲା କୁଣ୍ଡରେ ଫୁଟିଥିବା ମଲ୍ଲୀ ଗଛରେ । ଦୂରରେ ଦେଖିଲା ଛଞ୍ଚାଣ ଭଳି କେତେ ବଡ଼ ପକ୍ଷୀ ଥଣ୍ଟରେ ଧରି ଉଡୁଛନ୍ତି । କିଛି ସମୟ ପରେ ସିଧା ଫୁର୍ର କରି ଉଡ଼ି ଆସିଲା ପିଞ୍ଜରା ଭିତରକୁ । ଆଉ ପିଞ୍ଜରାର ଦ୍ୱାରକୁ ଥଣ୍ଟରେ ବନ୍ଦ୍ କରିବାକୁ ଚେଷ୍ଟା କରିବାକୁ ଲାଗିଲା ମୋନା । ବୃଦ୍ଧ ଜଣକ ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି । ବାଃ- ବାଃରେ ପକ୍ଷୀଟୁ । କି' ମାୟା ଲାଗିଛି ତୋର ଏଇ ମଣିଷ ପାଖରେ !

ଘର ଭିତରକୁ ପଶୁ ପଶୁ ଲିସାର ବାପା କହିଲେ- ବାପା ! ଆପଣ ଜାଣି ନାହାନ୍ତି ସେଦିନ ୧୯୯୫ ମସିହା ଅକ୍ଟୋବର ମାସ ସତେଇସି ତାରିଖ । ମହାବାତ୍ୟାରେ ସାରା ଜୀବଜଗତ ଭୟରେ ଆତୁର । ବଞ୍ଚିବାକୁ ରାହା ନାହିଁ କାହାର । ପାରାଦୀପ, କୁଜଙ୍ଗ, ରାହାମା, କଟକ, ଭୁବନେଶ୍ୱର ସବୁ ଜଳାର୍ଣ୍ଣବ । ଲୋକମାନଙ୍କୁ ଚୂଡ଼ା, ଚାଉଳ, ଖାଦ୍ୟ ବାଣ୍ଟି ଫେରୁଛି ଦେଖିଲି- ରାସ୍ତା ଉପରେ ଗଛଟିଏ ଭାଙ୍ଗି ପଡ଼ିଛି । ଅନେକ ପରେ ଗଛକାଟି ଫେରିଲା ବେଳକୁ ସନ୍ଧ୍ୟା ନଇଁ ଆସୁଥାଏ । ରାସ୍ତା କଡ଼ରେ ବର୍ଷା ମାଡ଼ ଖାଇ ଛୋଟ ଶିଶୁ ଶୁଆଟିଏ ପଡ଼ି ଛଟପଟ ହେଉଥାଏ । ପକେଟରୁ ରୁମାଲ କାଢ଼ି ପୋଛାପୋଛି ଘରକୁ ଆସି ଶୁଣିଲି- ଶାନ୍ତି ହସ୍ପିଟାଲ୍‌ରେ ଆପଣଙ୍କର ଗୋଟିଏ ନାତୁଣୀ ଜନ୍ମ

ହୋଇଛି । ଭଗବାନଙ୍କର କି' ବିଚିତ୍ର ଲୀଳା! ଗୋଟିଏ ଦିନରେ ଆମ ଘରକୁ ଶିଶୁ ପକ୍ଷୀ ସହିତ ଶିଶୁ କନ୍ୟାଟିଏ ଆସିଲେ । ଦୁଇଜଣ ଶିଶୁ ଖାଇଲେ, ପିଇଲେ, ଶୋଇଲେ ଏକାଠି ଦୁଇ ଭଉଣୀ ଭଳି । ସ୍ନେହ ଆଦରରେ ବଢ଼ି ଚାଲିଲେ ଦୁହେଁ । ଦୁହିଁଙ୍କର ନାମ ଯୋଡ଼ି ରଖିଲି " ମୋନା ଆଉ ଲିସା" । କେହି କାହାଠାରୁ ଅଲଗା ହୋଇପାରନ୍ତି ନାହିଁ ସେମାନେ । ସିଏ ଗୋଟେ ମୋର ଝିଅ "ମୋନା" । ସେ ଆମକୁ ଛାଡ଼ି ଯାଇଥାନ୍ତା କେମିତି ? ଆମ ସହିତ ମିଶି ସେ ରୂପରେ ସିନା ପକ୍ଷୀଥିଲା, ହେଲେ ଚରିତ୍ରରେ ମଣିଷ ପାଲଟି ଯାଇଥିଲା ସେ । ସେ ଜାଣିଛି- ଆକାଶରେ ଉଡୁ ଉଡୁ ବଡ଼ ବଡ଼ ଶିକାରୀ ପକ୍ଷୀଙ୍କର ଶିକାର ହୋଇଯିବ ନିଶ୍ଚୟ । ଯେଉଁଆଡ଼େ ଦେଖିବ ଆଜି ବିଭୀଷିକାର ତାଣ୍ଡବ । ଏପଟେ ପାକିସ୍ଥାନ, ସେପଟେ ଚୀନ୍ ଭାରତକୁ ମାଡ଼ି ଆସିବାକୁ ଚେଷ୍ଟା ଅବ୍ୟାହତ ରଖିଛନ୍ତି । ସେପଟେ ଅଣୁ ପରମାଣୁ ପରୀକ୍ଷା କରି ବିଜ୍ଞାନର ଶେଷ ସୀମାରେ ପହଞ୍ଚିଥିବା ଜାପାନ ଦେଶ ସଙ୍କଟାପନ୍ନ ଆଜି । ଆନ୍ତର୍ଜାତିକ ସନ୍ତ୍ରାସବାଦର ମୁଖ୍ୟ ନାୟକ ଲାଡ଼େନ ଆଜି ଆମେରିକା ସୈନ୍ୟଙ୍କ ଦ୍ୱାରା ମୃତ୍ୟୁ ବରର କଲା । ପ୍ରତିଦିନ ପୃଥିବୀରେ କେତେ ଲୋକ ମରୁଛନ୍ତି ଦୁର୍ଘଟଣାରେ । ଆକାଶ ଆଜି ଅଶାନ୍ତ ହୋଇ ଯାଇଛି । ଆଉ କେତେବେଳେ କ'ଣ ଘଟିଯିବ କିଏ କହିବ ଯେ! ସବୁଆଡୁ ଭାବି-ଚିନ୍ତି ମୋନା ପିଞ୍ଜରାରୁ ଉଡ଼ି ଆମ ମାନଙ୍କର ସ୍ନେହ ଶ୍ରଦ୍ଧାକୁ ହୃଦୟ ନିକିତିରେ ତଉଲିଲା । ସ୍ନେହ-ଶ୍ରଦ୍ଧାର ଭାର ଅଧିକ ହେବାରୁ ଶେଷରେ ସେ ଫେରିଆସି ସେହି ପିଞ୍ଜରାରେ ବନ୍ଦୀ ହୋଇ ରହିବାଟା ଶାନ୍ତି ବୋଲି ଜଣାଇ ଦେଲା ।

ଯେମିତି ମଣିଷ ସଂସାର ଜାଲରେ ଛନ୍ଦି ହୋଇ ମିଠା ବନ୍ଦୀ ହେବାର ନିଶାରେ ଉବୁଟୁବୁ ହେଉଛି ଆଜି ।

***ଶେଖବଜାର, କଟକ***

୦୦୦



Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

NILADRI VIHAR, NAYA BAZAR, CUTTACK-753004, ODISHA
E-mail : voiceforvoiceless2013@gmail.com
whatsapp : +91 88957 07011 / Website : www.pracheevoice.in

Follow us :

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ